# ଏଯାଏଁ ଶୁଖିନି ମହାବତ୍ୟାର କ୍ଷତ



ଏରସମାରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳ।

ଏରସମା,୨୮।୧୦(ଦୀପ୍ତି ଖଣ୍ଡୁଆଳ)

ମହାବାତ୍ୟାକୁ ଇତିମଧ୍ୟରେ ୨୫ ବର୍ଷ ପୂରିଥିଲେ ମଧ୍ୟ ଏବେବି ସେଦିନ କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ। ସମୁଦ୍ର ଉପକୂଳ ଅଞ୍ଚଳର ଲୋକେ ଧାନ, ମୀନ ଓ ପାନ ଆଦି ଚାଷ କରି ଜୀବନ ଅତିବାହିତ କରୁଥିଲେ। ୧୯୯୯ ଅକ୍ଟୋବର ୨୯ରେ ପ୍ରକୃତି ଭୟଙ୍କର ରୂପ ନେଇଥିଲା। ପବନର ବେଗ ପ୍ରଚଣ୍ଡ ରୂପ ନେଇଥିଲା। ସମୁଦ୍ରରୁ ଉଠି ଆସିଥିଲା ୩୦ ଫୁଟର ଉଚ୍ଚ ଲୁଣା ଜୁଆର। ସେହି ଭୟଙ୍କର ରାତି ପାହିଲା ବେଳକୁ ସବୁ କିଛି ଛାରଖାର ହୋଇଯାଇଥିଲା। ଏରସମାର ଭୌଗୋଳିକ ଚିତ୍ର ବଦଳି ଯାଇଥିଲା। ମାଟିରେ ଅନେକ ମହାଦ୍ରୁମ ଲୋଟିଯାଇଥିଲା। ଗାଁ, ଗଣ୍ଡା ଘରଦ୍ୱାର ନିଶ୍ଚିହ୍ନ ହୋଇଯାଇଥିଲା। ଉପୁଡି ପଡ଼ିଥିବା ଗଛଡାଳରେ ବହୁ ମନୁଷ୍ୟ ଓ ପଶୁପକ୍ଷୀଙ୍କ ମୃତଦେହ ଲାଗିଯାଇଥିଲା। ଏହି ମହାବିଭୀଷିକା ଏରସମା ବିପର୍ଯ୍ୟୟ ଇତିହାସରେ ବିରଳ ଅଧ୍ୟାୟ ହୋଇ ରହିଯାଇଛି। ଇତିମଧ୍ୟରେ ବିନାଶ ଭିତରୁ ବିକାଶର ସୂତ୍ରପାତ ହୋଇଛି। ମହାବାତ୍ୟାର ଧ୍ୱଂସସ୍ତୂପରୁ ଜନ୍ମ ନେଇଛି ନୂତନ ଏରସମା। ୨୫ ବର୍ଷ ପରେ ମଧ୍ୟ ଏରସମାବାସୀଙ୍କ ସ୍ମୃତିପଟରୁ ସେହି କାଳରାତ୍ରିର ଅନୁଭୂତି ଲିଭିନାହିଁ।

## ଏମାନେ ଯାହା କୁହନ୍ତି...

### ମିଳିନାହିଁ ମହାବାତ୍ୟା କ୍ଷତିପୂରଣ



ମହାବାତ୍ୟା ମୃତକଙ୍କ ପରିବାର ପାଇବାକୁ ଥିବା କ୍ଷତିପୂରଣ, ଅନୁକମ୍ପା ସହାୟତା ଫାଇଲରେ ଡୋରି ବନ୍ଧା ହୋଇଯାଇଛି। ସରକାରଙ୍କ ଘୋଷଣା ଅନୁସାରେ, ୧୯୯୯ ଅକ୍ଟୋବର ୨୯ରେ ମୃତ୍ୟୁ ଘଟିଥିବା ପରିବାରକୁ ଅନୁକମ୍ପା ସହାୟତା ଦିଆଯାଇଛି। ତେବେ ୨୯ ପରେ ମହାବାତ୍ୟା ପ୍ରଭାବରେ ମୃତ୍ୟୁ ଘଟିଥିବା ପରିବାରକୁ କ୍ଷତିପୂରଣ ମିଳି ନଥିବା ଅଭିଯୋଗ ଏବେବି ଶୁଣିବାକୁ ମିଳୁଛି। ଘର ଭାସି ଯାଇଥିବା ପରିବାରକୁ ଏବେବି ଥଇଥାନ କରିବା ଉଦ୍ଦେଶ୍ୟରେ କଚ୍ଚାଘର ବଦଳରେ ପକ୍କା ଘର ଦିଆଯାଇପାରି ନ ଥିବା ଅଭିଯୋଗ ହେଉଛି। ୨୫ ବର୍ଷ ତଳେ ବିଭିନ୍ନ ଦାତବ୍ୟ ଅନୁଷ୍ଠାନ ଓ ସରକାର ଯେଉଁ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିଥିଲେ, ତାହା ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ଅବସ୍ଥାରେ ରହିଛି।

- ରଞ୍ଜନ କୁମାର ଜେଠୀ ସରପଞ୍ଚ, ଆମ୍ବିକି ପଞ୍ଚାୟତ

### ଲୁଣା ଜୁଆର ଆତଙ୍କିତ କରୁଛି



ସିଆଳି ସମୁଦ୍ର ବେଳାଭୂମିରେ ଏ ପର୍ଯ୍ୟନ୍ତ ପଥରବନ୍ଧ ନିର୍ମାଣ କରାଯାଇ ନାହିଁ। ବାତ୍ୟା ଆସିଲେ ଏରସମାବାସୀ ଲୁଣା ଜୁଆର ଭୟରେ ଏବେବି ଆତଙ୍କିତ ହେଉଛନ୍ତି। ସିଆଳିରେ ନିର୍ମାଣ କରାଯାଇଥିବା ଭ୍ୟୁ ଟାୱାର ସମୁଦ୍ର ଗର୍ଭରେ ଧ୍ୱଂସ ହେବା ତାର ପ୍ରକୃଷ୍ଟ ଉଦାହରଣ। ଏଥିସହ ଉପକୂଳ ଜଙ୍ଗଲ ଏବେବି ଅସୁରକ୍ଷିତ ହୋଇପଡିଛି। ଲୁଣା ଜୁଆର ମାଡ଼ରେ ଏହା କ୍ଷୟ ହେବାରେ ଲାଗିଛି। ସେଥିପ୍ରତି ସରକାର ବିଶେଷ ଧ୍ୟାନ ଦେଇ ପଦକ୍ଷେପ ନେବା ଆବଶ୍ୟକ।

- ଗଣେଶ ଗିରି, ଯୁଣଗରି ଗ୍ରାମ

# ହାରିନାହାନ୍ତି ଶଙ୍କର ନନା

## ଭାସି ଯାଇଥିଲେ ସ୍ତ୍ରୀ ଓ ୪ ସନ୍ତାନ



ପାରାଦୀପ,୨୮।୧୦(ଶରତ ରାଉତ)

ଓଡ଼ିଶାର ସବୁଠାରୁ ବଡ଼ ବାତ୍ୟା କୁହାଯାଉଥିବା ୧୯୯୯ ମହାବାତ୍ୟାକୁ ମଙ୍ଗଳବାର ୨୫ ବର୍ଷ ପୂରିଛି। ଏହି ୨୫ ବର୍ଷ ମଧ୍ୟରେ ଉପକୂଳ ଓଡ଼ିଶାରେ ୧୧ ଥର ବାତ୍ୟା ହେଲାଣି। ସେଗୁଡିକ ହେଲା ୨୦୧୩ରେ ଫାଇଲିନ୍, ୨୦୧୪ ହୁଡ୍‌ହୁଡ୍, ୨୦୧୬ ତିତ୍‌ଲି, ୨୦୧୮ ଡାଏ, ୨୦୧୯ ଫନି ଓ ବୁଲ୍‌ବୁଲ୍, ୨୦୨୦ ଅମ୍ପାନ, ୨୦୨୧ ଗୁଲାବ ଓ ୟାସ୍, ୨୦୨୨ ଆସାନି ଏବଂ ୨୦୨୪ର ଦାନା। କିନ୍ତୁ ମହାବାତ୍ୟା ଭଳି ବିପର୍ଯ୍ୟୟ ଏପର୍ଯ୍ୟନ୍ତ ଓଡ଼ିଶାରେ ଘଟିନାହିଁ। ୧୯୯୯ ଅକ୍ଟୋବର ୨୯ରେ ଯେଉଁ ପ୍ରଳୟ ପାରାଦୀପ ଓ ଏରସମା ଅଞ୍ଚଳରେ ଘଟିଥିଲା, ସେଥିରେ ୭୫୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ ଦର୍ଶାଯାଇଛି। କିନ୍ତୁ ନିଖୋଜଙ୍କ ସଂଖ୍ୟା ଓ ବାସ୍ତବ ଆକଳନ କଲେ ଏହି ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ବୋଲି କୁହାଯାଉଛି। ମହାବାତ୍ୟା ସମୟରେ ଯେଉଁମାନେ ନିଜ ସମ୍ପର୍କୀୟମାନଙ୍କୁ ହରାଇଥିଲେ, ସେମାନେ ଏବେବି ଅକ୍ଟୋବର ମାସ ଆସିଲେ ନିଜ ମଧ୍ୟରେ ଗୁମୁରି ଗୁମୁରି କାନ୍ଦୁଛନ୍ତି।

ସେମିତି ଜଣେ ବ୍ୟକ୍ତି ହେଲେ ପାରାଦୀପର ଶଙ୍କର ନନା। ପୂରା ନାମ ଶଙ୍କର୍ଷଣ ମିଶ୍ର(୬୪)। ପୈତୃକ ଗ୍ରାମ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମଓ୍ୱା ଗାଁରେ। ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିରରେ ତାଙ୍କ ବାପା ପୂଜକ ଭାବେ ରହୁଥିଲେ। ଶଙ୍କର ନନା ମଧ୍ୟ କୌଳିକ ବୃତ୍ତି ଶିଖି ଯଜମାନ କାମ ଆରମ୍ଭ କରିଦେଇଥିଲେ। ସେ ଶିବ ମନ୍ଦିର ପୂଜକ ହେବା ସହ ଯଜମାନ କାମ କରନ୍ତି। ମହାବାତ୍ୟା ସମୟରେ ତାଙ୍କର ପୂର୍ଣ୍ଣାଙ୍ଗ ପରିବାର ଥିଲା। ମା'ବାପାଙ୍କ ସହ ସ୍ତ୍ରୀ ଗୌରୀ, ୪ ଝିଅ ଓ ବର୍ଷକର ପୁଅ ଥିଲା। ମହାବାତ୍ୟାରେ ଶଙ୍କର ନନା ଓ ତାଙ୍କ ବାପା ଭଗବାନ ମିଶ୍ର ପୂଜା କରିବାକୁ ଯାଇ ବର୍ତ୍ତି ଯାଇଥିଲେ, କିନ୍ତୁ ପରିବାରର ଅନ୍ୟ ୫ ଜଣ ବାତ୍ୟାରେ ଭାସି ଯାଇଥିଲେ। ଏପର୍ଯ୍ୟନ୍ତ ସେମାନଙ୍କ ସନ୍ଧାନ ମିଳିନାହିଁ ବୋଲି ଶଙ୍କର ନନା କୁହନ୍ତି। ମହାବାତ୍ୟା ସମ୍ପର୍କରେ ସେ କୁହନ୍ତି, ସେତେବେଳେ କାର୍ତ୍ତିକ ମାସ। ମନ୍ଦିର ଧୁଆଧୋଇ ଓ ନୀତିକାନ୍ତି ପାଇଁ ରାତି ୪ଟାରୁ ଶଙ୍କର ନନା ଓ ତାଙ୍କ ବାପା ମନ୍ଦିର ପଳାଇ ଆସିଥିଲେ। ଏହି ସମୟରେ ମନ୍ଦିର ବେଢ଼ା ପଛପଟେ ଥିବା ଝୁମ୍ପୁଡି ଘରେ ସ୍ତ୍ରୀ, ୩ ଝିଅ ଓ ପୁଅ ସହ ୫ ଜଣ ଥିଲେ। ମା'ସେତେବେଳେ ଚାନ୍ଦବାଲି ଗାଁକୁ ଯାଇଥିଲେ। ସକାଳ ପ୍ରାୟ ୬ଟା ୩୦ ବେଳକୁ ବର୍ଷା, ପବନ ସହ ପାଣି ମାଡ଼ି ଆସିଥିଲା। ସ୍ଥିତି ଏପରି ହୋଇଥିଲା ଯେ ଶଙ୍କର ନନାଙ୍କ ପାଖରେ ଥିବା ବାପା ମଧ୍ୟ ପହଞ୍ଚି ପାରି ନ ଥିଲେ। ଶିବ ମନ୍ଦିର ଭିତରେ ପାଣି ପଶି ଯାଇଥିଲା। ଯେଉଁଠି ପାର୍ବତୀ ମୂର୍ତ୍ତି ରହିଛି ତା' ପାଖରେ ଗୋଟିଏ ଗୋଡ଼ ସାହାଯ୍ୟରେ ଠିଆ ହୋଇ ଶଙ୍କର ନନା ୭୨ ଘଣ୍ଟା ବିତାଇଥିଲେ। ୩ ଦିନ ପରେ ଜଣେ ବ୍ୟକ୍ତି କିଛି ଖେଚୁଡ଼ି ଆଣି ଖାଇବାକୁ ଦେଇଥିଲେ। ଏହାପରେ ସେଠାରୁ ବହୁ କଷ୍ଟରେ ବାହାରି ଶଙ୍କର ଘରକୁ ଯାଇଥିଲେ, ମାତ୍ର ସେତେବେଳକୁ କିଛି ନଥିଲା। ଘର କି ପରିବାର କିଛି ନ ଥିଲା। ପାଖରେ ଥିବାଝୁମ୍ପୁଡି ଘର ଭାସି ଯାଇଥିଲା। ସେଥିରେ କେତେଜଣଙ୍କ ମୃତଦେହ ମିଳିଥିଲା। କିନ୍ତୁ ଶଙ୍କର ନନା ପରିବାର ଲୋକଙ୍କ ମୃତଦେହ ଏପର୍ଯ୍ୟନ୍ତ ପାଇ ନଥିବା କହିଛନ୍ତି। ସେହି ଲୋମଟାଙ୍କୁରା ଘଟଣା ମନେପଡିଲେ ଏବେବି ଭୟ ସୃଷ୍ଟି ହୁଏ। ବାତ୍ୟା ପରେ ପରିବାର ଆତ୍ମୀୟ ସ୍ୱଜନଙ୍କ କଥାରେ ଦ୍ୱିତୀୟ ବିବାହ କରିଥିଲି। ୩ ଝିଅ ଓ ଗୋଟିଏ ପୁଅକୁ ନେଇ ସଂସାର ଚାଲିଛି। ସେହି ବାତ୍ୟାରେ ୩ ଝିଅ ଓ ଗୋଟିଏ ପୁଅ ହରାଇଥିଲି। ପ୍ରଭୁ ମୋତେ ପୁଣି ସେମିତି ଫେରେଇଛନ୍ତି। ସେପରି ଦୁଃଖ ଆଉ କାହା ଜୀବନରେ ନ ଆସୁ ବୋଲି ସେ କୁହନ୍ତି।

# ଆଖି ଆଗରେ ୧୨ ଜଣ ସମୁଦ୍ରରେ ଭାସିଗଲେ

ମହାକାଳପଡ଼ା, ୨୮।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

୨୫ ବର୍ଷ ପୂର୍ବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା ମହାବାତ୍ୟା। ଉପକୂଳ ଅଞ୍ଚଳକୁ ଛାରଖାର କରିଦେଇଥିଲା। ସେହି ଅକ୍ଟୋବର ମାସ ଶୁକ୍ରବାର ଥିଲା କାଳରାତ୍ରି। ମହାବାତ୍ୟାରେ ପରିବାରରେ ଭାଇଭାଇ, ଭଉଣୀଭାଇ, ବାପପୁଅ, ସ୍ତ୍ରୀସ୍ୱାମୀଙ୍କୁ ଅଲଗାକରି କେଉଁ ଅଜଣା ରାଇଜକୁ ସମୁଦ୍ର ଉଚ୍ଚ ତରଙ୍ଗ ଭସାଇ ନେଇଥିଲା। କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଅବହେଳିତ ଗାଁ ମହାକାଳପଡ଼ା ବ୍ଲକ୍ ଅଧୀନ ସମୁଦ୍ରଠାରୁ ୧ କି.ମି. ଦୂରରେ ପାଣିଖିଆ ସାନ୍ତାଳିପଡ଼ା। ପଡ଼ାରେ ୫୦ ପରିବାରରେ ୩ଶହରୁ ଅଧିକ ଲୋକ ବସବାସ କରନ୍ତି। ଏବେ ବି ଗାଁ ଲୋକେ ସରକାରୀ ଯୋଜନାରୁ ବଞ୍ଚିତ। ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ବହୁ ଦୂରରେ। ଗୁରୁତର ରୋଗୀକୁ ଭାରରେ ୧ କି.ମି. ଦୂରରେ ଆମ୍ବୁଲାନ୍ସକୁ ଯାଇ ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥାନ୍ତି। ଆଜି ବି ଦାରିଦ୍ର୍ୟର ତାଡ଼ନାରେ ଗରିବ ଖଟିଖିଆ କୃଷକ ମୂଲିଆ ଆଦିବାସୀ ସାନ୍ତାଳୀମାନେ ପରିବାର ଚଳାଇବା ପାଇଁ ୬୦ରୁ ଅଧିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ଅପରପକ୍ଷରେ ମହାବାତ୍ୟାରେ ଏହି ସାନ୍ତାଳୀପଡ଼ାର ୧୨ଜଣ ଆଗ ପଛ କରି ସମୁଦ୍ରରେ ଭାସିଯାଇଥିଲେ। ସେଦିନର ସାମୁଦ୍ରିକ ବାତ୍ୟା ଏବେ ବି ଭୁଲିପାରିନାହାନ୍ତି ପାଣିଖିଆ ସାନ୍ତାଳୀପଡ଼ାବାସୀ। ଗାଁର ମୁରବି କହିଛନ୍ତି, ଗାଁର ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ହେନ୍ତାଳବଣ। ହେଲେ ଗାଁକୁ ମାଡ଼ି ଆସିଲା ସମୁଦ୍ର ଉଚ୍ଚ ଜୁଆର। କିଛି ସମୟ ମଧ୍ୟରେ ଏକ ଚାଳ ଛପର ଆଶ୍ରୟ ନେଇଥିବା ଗାଁର ଲୋକଙ୍କ ମଧ୍ୟରୁ ୭ ପିଲା, ୩ ମହିଳା ଓ ୨ ବୃଦ୍ଧଙ୍କୁ ଆଖି ଆଗରେ ସମୁଦ୍ର ପ୍ରବଳ ସ୍ରୋତରେ ଭସାଇ ନେଇଥିଲା।

ଗାଁର ବରିଷ୍ଠ ମୁରବି ସୁନା ଟୁଡୁ, ଗୁରୁଭା ହାଁସଦା, ସୁନା ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ଟୁଡୁ, ଗଜେନ୍ଦ୍ର ମାରାଣ୍ଡି, ରମେଶ ମାରାଣ୍ଡି, ନୁପୁର ସୋରେନ, ଲବ ମାରାଣ୍ଡି, ଚରଣ ଟୁଡୁ ପ୍ରମୁଖ ନିଜ ଅନୁଭୂତି ସମ୍ପର୍କରେ କହିଛନ୍ତି, ୧୯୯୯ ଅକ୍ଟୋବର ୨୯ ଶୁକ୍ରବାର ଅପରାହ୍ନରେ ସମୁଦ୍ରର ଜଳ ପତ୍ତନ ବୃଦ୍ଧି ପାଇବାରେ ଲାଗିଲା। ଚାହୁଁ ଚାହୁଁ ସନ୍ଧ୍ୟା ବେଳକୁ ବେଳ ବାତ୍ୟା ପବନ ସାଙ୍ଗକୁ କିଟିମିଟି ଅନ୍ଧାରରେ ସାନ୍ତାଳୀମାନଙ୍କ ଅଧିଷ୍ଠାତ୍ରୀ ଦେବୀ ମାରାଙ୍ଗ ବୁରୁଙ୍କୁ ସ୍ମରଣ କରିଥାଉ। ତେବେ ହଠାତ୍ ସମୁଦ୍ରର ୧୦ ଫୁଟ ଉଚ୍ଚ ଲହଡ଼ି ଆସିବାରୁ ହାତ ଧରାଧରି ହୋଇ ଚାଳ ଉପରକୁ ଉଠିଥିଲୁ। ପୂର୍ବ ଦିଗରୁ ପ୍ରବଳ ପବନ ବହିବାରୁ ସମସ୍ତଙ୍କ ହାତ ବାହାରିଗଲା। ଆମ୍ଭ ଆଖି ଆଗରେ ଜଣ ଜଣ କରି ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରି ଉଠିଲେ। ସେତେ ବେଳକୁ ସମୁଦ୍ର କରାଳ ରୂପରେ ଢେଉ ମାଡ଼ରେ ଛିନ୍ନଛତ୍ର ହୋଇ ଜଣ ଜଣ କରି ସମୁଦ୍ରର ଭସାଇ ନେଇଗଲା। ସେତେ ବେଳର କରାଳ ବିଭୀଷିକା ଖୁବ୍ ହୃଦୟ ବିଦାରକ ଥିଲା। ମହାବାତ୍ୟା ପରେ ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଗାଁକୁ ଲାଗି ରହିଛି ହେନ୍ତାଳବଣ। ସେହିପରି ମହାବାତ୍ୟାରେ ବ୍ଲକ୍‌ର ସର୍ବାଗ୍ରେ ତେନ୍ତୁଳିକନ୍ଧା ଗ୍ରାମର ୨୫ ଜଣ ସାମୁଦ୍ରିକ ଢ଼େଉରେ ଭାସିଯାଇଥିଲେ। ବ୍ଲକ୍‌ର ବଟିଘର, ଖରିନାସି, ଜମ୍ବୁ, ସୁନିତି, ରାମନଗର, ପେଟଛେଲା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ବିପୁଳ ପରିମାଣରେ କ୍ଷୟକ୍ଷତି ହୋଇଥିଲା। ପରିବେଶପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସାମୁଦ୍ରିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଚୁର ପରିମାଣରେ ଲୁଣା ହେନ୍ତାଳ ବଣ ସୃଷ୍ଟି କରିବାକୁ ସରକାରୀ, ବେସରକାରୀ ସ୍ଥରରେ ଆଗେଇ ଆସିଲେ ଏହି ଅଞ୍ଚଳରେ ବାତ୍ୟା ବହୁ ପରିମାଣରେ ହ୍ରାସ ପାଇବ।




ସମୁଦ୍ର କୂଳ ଲୁଣା ହେନ୍ତାଳବଣ ସଂଲଗ୍ନ ସାନ୍ତାଳିପଡ଼ା ପାଣିଖିଆ ଗାଁ ଚିତ୍ର ବଦଳିନି ଏବଂ ଜଙ୍ଗଲିଆ ଗଳିଆ ରାସ୍ତା।

## ମହାବାତ୍ୟାକୁ ୨୫ ବର୍ଷ ପୂରିଲା

■ ସାନ୍ତାଳିପଡ଼ା ପାଣିଖିଆ ଗାଁର ଚିତ୍ର

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ମାର୍ଶାଘାଇ,୨୮।୧୦(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ପାଟଳୀପଙ୍କ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ନେଇ ସୋମବାର ଅଭିଯୋଗ ହୋଇଛି। ପାଟଳୀପଙ୍କ ଗ୍ରାମର ରୋଜାଲିନ ସୁତାର ଅପରାହ୍ନ ୩ଟାରେ ଘରେ କୌଣସି କାର୍ଯ୍ୟ କରୁଥିଲେ। ଏହି ସମୟରେ ଗ୍ରାମର ନିତ୍ୟା ସୁତାରଙ୍କ ସ୍ତ୍ରୀ ଗୌରୀ ଓ ଅନ୍ୟ ୪ ଜଣ ତାଙ୍କ ଘରେ ପଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଅସଦାଚରଣ କରିଥିଲେ। ଗଲା ବେଳେ ତାଙ୍କ ବେକରୁ ଏକ ସୁନା ଚେନ ଛଡ଼ାଇ ନେଇଥିଲେ। ରୋଜାଲିନ ଥାନାରେ ଅଭିଯୋଗ କରିବା ପରେ ନଂ.୨୦୧/୨୪ରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରିଣୀ ଏସ. ଆଉ ପ୍ରୀତିଲତା ଲାଲ ପ୍ରକାଶ କରିଛନ୍ତି।

# ଜନ୍ମ ପୂର୍ବରୁ ଶିଶୁର ମୃତ୍ୟୁ ନେଇ ଜିଲାପାଳଙ୍କୁ ଅଭିଯୋଗ

## ଗର୍ଭବତୀ କିରାଣିଙ୍କୁ ସିଡିପିଓଙ୍କ ମାନସିକ ନିର୍ଯାତନା



ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ କାର୍ଯ୍ୟାଳୟରେ ପହଞ୍ଚି ପଚରାଉଚରା କରୁଛନ୍ତି।

ଡେରାବିଶ, ୨୮।୧୦(ବେବର୍ତ୍ତା ଅଜୟ ଦାସ)

ରାଜ୍ୟ ସରକାରଙ୍କ ପକ୍ଷରୁ ଗର୍ଭବତୀ ମହିଳା ଓ ଶିଶୁଙ୍କ ସମସ୍ତ ଯତ୍ନ ପାଇଁ ବିଭିନ୍ନ ଯୋଜନା କରି ସମନ୍ୱିତ ମହିଳା ଓ ଶିଶୁ ବିକାଶ ମାଧ୍ୟମରେ ବିଭାଗ ଦ୍ୱାରା ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ହେଲେ ଏହି ବିଭାଗର ଜଣେ ଗର୍ଭବତୀ କିରାଣି ସିଡିପିଓଙ୍କ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ଫଳରେ ୭ ମାସ ଗର୍ଭସ୍ଥ ଶିଶୁର ମୃତ୍ୟୁ ହୋଇଥିବା ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଏଭଳି ଅଭାବନୀୟ ଘଟଣା କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ୍ ସମନ୍ୱିତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟରେ ଘଟିଛି। ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଏହି ବିଭାଗର କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିବା ବର୍ଷା ପ୍ରିୟଦର୍ଶିନୀ ମହାପାତ୍ର ୭ ମାସର ଗର୍ଭବତୀ ଥିଲେ। ଏଭଳି ଅବସ୍ଥାରେ ମଧ୍ୟ ନିଜ କାର୍ଯ୍ୟରେ କେବେ ଅବହେଳା କରିନାହାନ୍ତି। ମାତ୍ର ଦୀର୍ଘ ୩ ମାସ ହେବ ଏଠାରେ କାର୍ଯ୍ୟରତ ଥିବା ସିଡିପିଓ ସ୍ନେହଲତା ସାହୁ ବାରମ୍ବାର ତାଙ୍କୁ ବେଆଇନ କାର୍ଯ୍ୟ କରିବାକୁ ବାଧ୍ୟ କରୁଥିଲେ। ଏଥିରେ ସେ ଅରାଜି ହେବାରୁ ସିଡିପିଓ ସାହୁ ତାଙ୍କୁ ବିଭିନ୍ନ ଆଳ ଦେଖାଇ ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି କନିଷ୍ଠ କିରାଣି ବର୍ଷା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଗତ ୨୫ ତାରିଖରେ ବର୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ତାଙ୍କ ଗର୍ଭ ବେଦନା ଆରମ୍ଭ ହୋଇଥିଲା। ସେ ଡାକ୍ତରଖାନାକୁ ଯିବା ପାଇଁ ସିଡିପିଓଙ୍କୁ ନିବେଦନ କରିଥିଲେ ମଧ୍ୟ ତାଙ୍କ କଥା ସେ ଶୁଣି ନ ଥିଲେ। ଅପରପକ୍ଷରେ ସିଡିପିଓ ସାହୁ ତାଙ୍କୁ ଗାଳିଗୁଲଜ କରିଥିଲେ। ସିଡିପିଓଙ୍କ କଟୁ ଭାଷା ସହି ନ ପାରି କନିଷ୍ଠ କିରାଣି ବର୍ଷା କାର୍ଯ୍ୟାଳୟରେ ଅଚେତ ହୋଇ ପଡ଼ିଯାଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ପରେ କାର୍ଯ୍ୟାଳୟର କର୍ମଚାରୀଙ୍କଠାରୁ ଖବର ପାଇ ତାଙ୍କ ବାପା ଓ ଅନ୍ୟ ଜଣେ ସମ୍ପର୍କୀୟ ମହିଳା ପହଞ୍ଚି ବର୍ଷାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଇଥିଲେ। ସମସ୍ତ ପରୀକ୍ଷା ନିରୀକ୍ଷା ପରେ ଡାକ୍ତର ଗର୍ଭସ୍ଥ ଶିଶୁ ମୃତ ଥିବା ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ତେବେ ଏ ବିଷୟରେ କିଷ୍ଠ କିରାଣି ବର୍ଷାଙ୍କ ପରିବାର ଉପଜିଲାପାଳଙ୍କୁ ଅବଗତ କରାଇବା ସହ ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଏ ସମ୍ପର୍କରେ ସମାଜ ମଙ୍ଗଳ ଅଧିକାରୀ ସ୍ୱାଇଁଙ୍କୁ ପଚାରିବାରୁ ବର୍ଷାଙ୍କ ପ୍ରସବ ଯନ୍ତ୍ରଣା ଏତେ ମାତ୍ରାରେ ଥିଲା ଯେ ସେ କୌଣସି କଥା କହିବା ଅବସ୍ଥାରେ ନ ଥିଲେ। ବର୍ଷାଙ୍କ ତୁରନ୍ତ ଚିକିତ୍ସା ପାଇଁ ସେ ତାଙ୍କ ଗାଡ଼ିରେ ଏକ ଘରୋଇ ଚିକିତ୍ସାଳୟକୁ ନିଜେ ନେଇ ଯାଇଥିବା କହିଥିଲେ। ତେବେ ଏ ଘଟଣା ସମ୍ପର୍କରେ ସୋମବାର ବ୍ଲକ୍ ସମନ୍ୱିତ ଶିଶୁ ଓ ମହିଳା କାର୍ଯ୍ୟାଳୟକୁ ଆସି ସିଡିପିଓ ଓ ଅନ୍ୟ କର୍ମଚାରୀମାନଙ୍କୁ ସେ ଦିନର ପ୍ରକୃତ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏ ସମ୍ପର୍କରେ ସିଡିପିଓ ସାହୁଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ। ବର୍ଷାଙ୍କ ପ୍ରସବ ଯନ୍ତ୍ରଣା ସମୟରେ ତାଙ୍କୁ କାହିଁକି ଚିକିତ୍ସା କେନ୍ଦ୍ର ପଠାଗଲା ନାହିଁ ବୋଲି ପଚାରିବାରୁ ସିଡିପିଓ ସାହୁ କହିଲେ, ଏଭଳି ନିୟମ ଆମ ବିଭାଗରେ ନାହିଁ। ତେବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପ ଜିଲାପାଳଙ୍କ ସହ ଆଲୋଚନା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସମଗ୍ର ଜିଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ସିଡିପିଓଙ୍କ ଏଭଳି କାର୍ଯ୍ୟ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାମାଜିକ କର୍ମୀ ରାଜକିଶୋର ମଲ୍ଲଙ୍କ ସମେତ ବହୁ ବୁଦ୍ଧିଜୀବୀ ଦାବି କରିଛନ୍ତି।



# ଗବେଷଣା ବନ୍ଦ, ଫଳକରେ ଡାଲି, ଆଖୁ ଗବେଷଣା କେନ୍ଦ୍ର

■ ବାସ୍ନା, ସ୍ୱାଦ ପାଇଁ ନୟାଗଡର ମୁଗ ଡାଲି ପ୍ରସିଦ୍ଧ

■ ମୁଗ ଡାଲିକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ଦାବିର ଆଶା ମଉଳିଲା

ନୟାଗଡ଼,୨୮।୧୦(ଲୋକନାଥ ମିଶ୍ର)

ଡାଲି ଓ ଆଖୁର ଗବେଷଣା ବନ୍ଦ ପରେ ନୟାଗଡ଼ର ମୁଗ ଡାଲିକୁ ଜିଆଇ ଟ୍ୟାଗର ମାନ୍ୟତା ପାଇଁ ଦାବି ମଉଳିବାରେ ଲାଗିଛି। ବାସ୍ନା ଓ ସ୍ୱାଦ ପାଇଁ ପ୍ରସିଦ୍ଧ ନୟାଗଡ଼ର ମୁଗ ଡାଲି ପାଇଁ ରାଜ୍ୟର ଏକମାତ୍ର ଡାଲି ଗବେଷଣା କେନ୍ଦ୍ର ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲେ ମଧ୍ୟ ତାର କାର୍ଯ୍ୟକ୍ଷମ ପାଇଁ ବ୍ୟବସ୍ଥା ନାହିଁ। ସେହିଭଳି ଆଖୁ ଗବେଷଣା କେନ୍ଦ୍ର ଅନୁରୂପ ଭାବରେ ସାଇନ ବୋର୍ଡରେ ରହି ଯାଇଛି। ପ୍ରାୟ ୩ବର୍ଷ ଧରି ଉଭୟ ଗବେଷଣା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇ ପାରୁନାହିଁ।

ନୟାଗଡ଼ ମୁଗ ଡାଲିର ବାସ୍ନା ଓ ସ୍ୱାଦ ପାଇଁ ଏବଂ ଗୁଣବତାର ସ୍ୱତନ୍ତ୍ରତା ପାଇଁ ୧୯୬୫ ମସିହାରେ ଡାଲି ଗବେଷଣା କେନ୍ଦ୍ର ନୟାଗଡ଼ ସଦର ମହକୁମାରେ ୩୬ ଏକର ଜମି ଉପରେ ପ୍ରତିଷ୍ଠା ହୋଇଥିଲା। ଡାଲି ଗବେଷଣା ପାଇଁ ଏହି ଅନୁଷ୍ଠାନକୁ ଉତ୍ତରପ୍ରଦେଶର କାନପୁରସ୍ଥିତ ଇଣ୍ଡିଆନ ଇନଷ୍ଟିଟ୍ୟୁଟ ଅଫ ପଲସ ରିସର୍ଚ୍ଚ ପ୍ରତିଷ୍ଠାନ ପକ୍ଷରୁ ବୁଟପିଣ୍ଡ ବିହନ ଟ୍ରାଏଲ ହେବା ପାଇଁ ଆସୁଥିଲା। ଏଠାରେ ଦୁଇଟି ଉନ୍ନତମାନର ନୂତନ ମୁଗ ବିହନ ଉଦ୍ଭାବିତ ହୋଇଥିଲା। ଯାହାକି ରାଜ୍ୟ ତଥା ଜାତୀୟସ୍ତରରେ ଚାଷୀମାନଙ୍କ ଦ୍ୱାରା ବେଶ ଆଦୃତ୍ତି ଲାଭ କରିଥିଲା। ମାତ୍ର ଏଠାରେ ଗବେଷକ ନ ଥିବାବେଳେ ପଲସ୍ ରିସର୍ଚ୍ଚ ସ୍ପେଶାଲିଷ୍ଟଙ୍କ ପଦବୀ ଖାଲି ପଡିଛି। ଏଠାରେ ନୂଆ ନିଯୁକ୍ତି ନାହିଁ। ଲଣ୍ଡୁ ଆଉ ବୁଟ ପିଣ୍ଡ ବିହନ ନୟାଗଡ଼ ଆସୁନାହିଁ। ତେବେ ଏହି ବିହନ ପ୍ରାୟ ୫ ବର୍ଷ ତଳେ ଖୋର୍ଦ୍ଧାରେ ଖୋଲିଥିବା ଡାଲି ଗବେଷଣା କେନ୍ଦ୍ରକୁ ଯାଉଛି। ଏଭଳିସ୍ଥଳେ ନୟାଗଡ଼ର ମୁଗ ଡାଲିକୁ ଜିଆଇ ଟ୍ୟାଗର ମାନ୍ୟତା ପାଇଁ ଦାବି ଉଠିଛି। ଯେଉଁଠି ଗବେଷଣା କେନ୍ଦ୍ର ପରିତ୍ୟକ୍ତ ହୋଇପଡ଼ିଛି, ସେଠାରେ ଜିଆଇ ଟ୍ୟାଗର ମାନ୍ୟତା ଦାବି କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ ଉଠିଲାଣି। ଅନ୍ୟପକ୍ଷେ ୬ ପ୍ରକାରର ଆଖୁ ବିହନର ସଫଳ ଉଦ୍ଭାବନ କରିଥିବା ନୟାଗଡ ପାଣିପୋଇଲାସ୍ଥିତ ଆଖୁ ଗବେଷଣା କେନ୍ଦ୍ର ମଧ୍ୟ ରୁଗଣ ଅବସ୍ଥାରେ। ନୟାଗଡ଼ର ଅର୍ଥକାରୀ ଫସଲ କମିବାରେ ଲାଗିଛି। ଚିନି ଶିଳ୍ପରେ ତାଲା ଝୁଲୁଛି। ଧୀରେ ଧୀରେ ଆଖୁଚାଷୀ ଆଖୁଚାଷଠାରୁ ଦୂରେଇ ଗଲେଣି। ଏଭଳି ଅବସ୍ଥାରେ ସାଧାରଣ ଲୋକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ନୟାଗଡ଼ ବିଧାୟକ ଅରୁଣ ସାହୁ କିଛି ପଦକ୍ଷେପ ନେଉ ନ ଥିବାବେଳେ ଭାଜପା ପକ୍ଷରୁ କିଛି ପଦକ୍ଷେପ ନାହିଁ। କେବଳ ପୁରୀ ଏମ୍‌ପି ଜିଲା ପରିଷଦ ବୈଠକରେ ଡାଲି ଗବେଷଣାଗାର ଉପରେ ପ୍ରସଙ୍ଗ ଉଠାଇ ନୀରବ ରହିଛନ୍ତି। ନୟାଗଡ଼ର ଚାଷୀଙ୍କ ସୂଚନା ଅନୁସାରେ ଶିଳ୍ପ ବିହୀନ ନୟାଗଡ଼ ଜିଲାରେ ଚିନିକଳରେ ତାଲା ଝୁଲୁଛି। ଡାଲି ଓ ଆଖୁ ଗବେଷଣା କେନ୍ଦ୍ର ପରିତ୍ୟକ୍ତ ହୋଇ ସାଇନବୋର୍ଡରେ ରହିଲାଣି। ଜିଲା ମୁଖ୍ୟ କୃଷି ଅଧିକାରୀ ସୁମନ ସିଂ ପଟ୍ଟନାୟକଙ୍କୁ ପଚାରିବାରେ ଡାଲି ଗବେଷଣା କେନ୍ଦ୍ରରେ ଡାଲି ଗବେଷଣା ହେଉନାହିଁ। ଏଠାରେ ପଲସ୍ ରିସର୍ଚ୍ଚ ସ୍ପେଶାଲିଷ୍ଟଙ୍କ ପଦବୀ ଖାଲି ପଡ଼ିଛି। କେନ୍ଦ୍ର ଉଠିଥିବାର ଚିଠି ଆସିନି। ତେବେ ମୁଗ ଓ ଧାନ ଚାଷ ହେଉଛି। ସେହିପରି ଓୟୁଏଟି ପକ୍ଷରୁ ଆଖୁ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକମାନେ ଗବେଷଣା କରୁଛନ୍ତି ବୋଲି ସେ କହିଛନ୍ତି।

# ରକ୍ଷଣାବେକ୍ଷଣ ଅଭାବରୁ କଲଭର୍ଟ ବିପଦସଙ୍କୁଳ



କଲଭର୍ଟ ତଳୁ କଂକ୍ରିଟ ଖଣ୍ଡ ଖସିଯିବାରୁ ଲୁହା ରଡ଼ ଦେଖାଯାଉଛି।

ଖଣ୍ଡପଡ଼ା,୨୮।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା-ଭାପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାର ବାହାଡ଼ା ଗ୍ରାମ ନିକଟରେ ରହିଥିବା ଏକ କଲଭର୍ଟ ଏବେ ବିପଦସଙ୍କୁଳ ହୋଇପଡ଼ିଛି। ଉକ୍ତ କଲଭର୍ଟଟି ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ନିର୍ମାଣ କରାଯାଇଥିବା ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଉକ୍ତ କଲଭର୍ଟର ନିମ୍ନଭାଗରୁ ସିମେଣ୍ଟ କଂକ୍ରିଟ ଖଣ୍ଡ ଖସି ଲୁହାରଡ୍ ବାହାରକୁ ଦେଖାଯାଉଥିବାବେଳେ କଲଭର୍ଟର ଦୁଇପାର୍ଶ୍ୱ ପ୍ରାଚୀରରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ଉକ୍ତ ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଭାରିଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରୁଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ପ୍ରକାଶ ପାଇଛି। ଏବେ ଫତେଗଡ଼ଠାରୁ ବାହାଡ଼ା ଦେଇ ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲୁରହିଛି। ତେଣୁ ଏ ପରିପ୍ରେକ୍ଷୀରେ ଉକ୍ତ ରାସ୍ତାରେ ବିପଦସଙ୍କୁଳ ଅବସ୍ଥାରେ ଥିବା କଲଭର୍ଟ ପ୍ରତି ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କୁ ପଚାରିବାରେ ଉକ୍ତ କଲଭର୍ଟ ପ୍ରତି ସେ ଦୃଷ୍ଟିଦେବେ ବୋଲି କହିଛନ୍ତି।

# ଭିଡିଓ ଭାଇରାଲ ଘଟଣାରେ ଜେଲ ଗଲେ ଯୁବକ

**କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା**

ନୟାଗଡ଼/ଭାପୁର,୨୮।୧୦
(ଲୋକନାଥ ମିଶ୍ର/ ଭରତ କୁମାର ବେହେରା)

ନୟାଗଡ଼ ପୋଲିସ ଜିଲାର ଫତେଗଡ଼ ଥାନା ଭାପୁର ବିଟ୍ ହାଉସ୍ ଅନ୍ତର୍ଗତ ପିଠାଖାଇ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ୨୨ ବର୍ଷର କଲେଜ ଛାତ୍ରୀଙ୍କୁ ୨୦ ତାରିଖରେ ଗଣବଳାତ୍କାର ହୋଇଥିଲା। ଏହି ଘଟଣାରେ ପୀଡ଼ିତାଙ୍କର ଗଣବଳାତ୍କାର ସମୟର ଭିଡିଓକୁ ଭାଇରାଲ କରି ଅଟକ ଥିବା ଯୁବକ ଗିରଫ ହୋଇ ସୋମବାର କୋର୍ଟ ଚାଲାଣ ହୋଇଛନ୍ତି। କୋର୍ଟରେ ଜାମିନ ନାମଞ୍ଜୁର ପରେ ଶାଳପଡ଼ା ପଞ୍ଚାୟତ କିସମତ କେନ୍ଦୁପଲ୍ଲୀ(କୁଲାବ) ଗାଁର ସିପୁ ପ୍ରଧାନଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗତ ୨୦ ତାରିଖରେ ଭାପୁର ଅଞ୍ଚଳର ଜଣେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ନିଜର ପୁରୁଷ ବନ୍ଧୁଙ୍କ ସହ ଫତେଗଡ଼ ରାମ ମନ୍ଦିରକୁ ଦର୍ଶନ କରି ସନ୍ଧ୍ୟାରେ ଘରକୁ ଫେରୁଥିଲେ। ରାସ୍ତାରେ ଫେରିବାବେଳେ ୩ଜଣ ଯୁବକ ଛୁରି ଦେଖାଇ ବାଇକ୍ ଅଟକାଇ ଥିଲେ। ପରେ ଛାତ୍ରୀ ଓ ପୁରୁଷବନ୍ଧୁକୁ ଧମକଚମକ ଦେଇ ରାସ୍ତାଠାରୁ ୨୦୦ ମିଟର ଦୂର ଜଙ୍ଗଲ ଭିତରକୁ ନେଇଥିଲେ। ପୁରୁଷ ବନ୍ଧୁକୁ ମାଡ଼ ମାରି ଗଛରେ ବାନ୍ଧି ଦେଇଥିଲେ। ଯୁବତୀଙ୍କୁ ଉଲଗ୍ନ ଫଟୋ ଓ ଭିଡିଓ ନେଇଥିଲେ। ପରେ ଜଣକ ପରେ ଛାତ୍ରୀଙ୍କୁ ବଳାତ୍କାର କରିଥିଲେ। ବଳାତ୍କାର ପରେ ମଦ ପିଇବାକୁ ପୀଡିତାଙ୍କଠାରୁ ୪୮ଶହ ଟଙ୍କା ପୁଣି ଛୁରି ଦେଖାଇ ଲୁଟି ନେଇଥିଲେ। ଏହି ଘଟଣାରେ ୩ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଛନ୍ତି। ତେବେ ପୀଡ଼ିତାଙ୍କର ବଳାତ୍କାର ସମୟର ଭିଡିଓ ଭାଇରାଲ କରିଥିବା ବ୍ୟକ୍ତିମାନେ ଗିରଫ ହେଉଛନ୍ତି।

# ହରିଣ ଶାବକ ଉଦ୍ଧାର, ଚିକିତ୍ସା ପରେ ଜଙ୍ଗଲରେ ଛଡ଼ାଗଲା

ନୂଆଗାଁ, ୨୮।୧୦ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳ ବନ୍ତଲା ଗ୍ରାମ ନିକଟସ୍ଥ ଜଙ୍ଗଲରୁ ସୋମବାର ହରିଣ ଶାବକକୁ ବନ ବିଭାଗ ଉଦ୍ଧାରକରି ଚିକିତ୍ସା ପରେ ପୁଣି ଜଙ୍ଗଲରେ ଛାଡ଼ି ଦେଇଛି। ବନ୍ତଲା ଗ୍ରାମର କେତେଜଣ ଲୋକ ନିକଟସ୍ଥ ଜଙ୍ଗଲକୁ ଛତୁ ଖୋଜିବାକୁ ଯାଇଥିଲେ। ଏହି ସମୟରେ ଏକ ହରିଣ ଶାବକ ଲତାରେ ଛନ୍ଦିହୋଇଯାଇ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲା। ହରିଣ ଶାବକର ଏପରି ଅବସ୍ଥା ଦେଖି ଲୋକମାନେ ଲତାରୁ ଉଦ୍ଧାରକରି ବନ ବିଭାଗକୁ ଖବର ଦେବା ସହ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ କର୍ମଚାରୀ ହରିଣ ଶାବକକୁ ନୂଆଗାଁ ପ୍ରାଣୀ ଚିକିତ୍ସାଳୟକୁ ଆଣି ଚିକିତ୍ସା କରାଇଥିଲେ। ଶାବକ ସୁସ୍ଥ ହେବା ପରେ ପୁନର୍ବାର ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ମହୀପୁର ଫରେଷ୍ଟର ମୀନକେତନ ସାହୁ ସୂଚନା ଦେଇଛନ୍ତି।



# ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଯୁବକ ଗିରଫ

ନୟାଗଡ଼,୨୮।୧୦(ଲୋକନାଥ ମିଶ୍ର)

ନାବଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାଗଡ଼ ସଦର ଥାନା ପୋଲିସ ରଣପୁର ଥାନା ଖଡିଆ ଗାଁର ସମୀର କୁମାର ସାହୁ(୨୧)ଙ୍କୁ ସୋମବାର ଗିରଫ କରିଛି। ସମୀରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ନୟାଗଡ଼ ସଦର ଥାନା ଅଞ୍ଚଳର ନାବାଳିକାଙ୍କୁ ଖଡିଆର ସମୀର ମିଥ୍ୟା ପ୍ରଲୋଭନ ଦେଖାଇ ସମ୍ପର୍କ ରଖିଥିଲା। ଏପରିକି କିଛି ଅନ୍ତରଙ୍ଗ ମୁହୁର୍ତ୍ତର ଭିଡିଓ କରି ଭାଇରାଲ କରିଥିଲା। ତେବେ ବିବାହ ନ କରି ପ୍ରତାରଣା କରିବା ପରେ ରବିବାର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ନଂ. ୨୫୪/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଶ୍ରୀନୀଳମାଧବ ଜୀଉ, ଗୋପୀନାଥ ଜୀଉଙ୍କ ଚନ୍ଦନ ବେଶ



ଗୋପୀନାଥ ଜୀଉ।



ନୀଳମାଧବ ଜୀଉ

ଖଣ୍ଡପଡା,୨୮।୧୦(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋର ଶ୍ରୀନୀଳମାଧବ ଜୀଉଙ୍କୁ ସୋମବାର ସନ୍ଧ୍ୟାରେ ଚନ୍ଦନ ବେଶରେ ଶ୍ରଦ୍ଧାଳୁ ଦର୍ଶନ କରିବାକୁ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ସର୍ବାଙ୍ଗ ଚନ୍ଦନ ଲାଗି ନୀତି ସମ୍ପନ୍ନ ହୋଇଥିଲା। ସେହିପରି ଖଣ୍ଡପଡ଼ା ସହରର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପାର୍ଶ୍ୱ ଦେବତା ରୂପେ ପୂଜିତ ପ୍ରଭୁ ଶ୍ରୀଗୋପୀନାଥ ଜୀଉ ସର୍ବାଙ୍ଗ ଚନ୍ଦନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଶ୍ରୀଜୀଉଙ୍କ ଚନ୍ଦନ ବେଶକୁ ଦର୍ଶନ କରିବା ନିମନ୍ତେ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଚୋରିର ୧୦ ଦିନ ପରେ ମିଳିଲାନି ଟେର

■ ଦୁର୍ବୃତ୍ତଙ୍କୁ ଗିରଫ, ପାଟ୍ରୋଲିଂ ପାଇଁ ଦାବି

■ ଏସ୍‌ପି, ବାଚସ୍ପତିଙ୍କୁ ଫେରାଦ ହେଲେ ବାଉଁଶିଆବାସୀ

ନୟାଗଡ଼,୨୮।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଶରଣକୁଳ ଥାନା ବାଉଁଶିଆ ଗାଁର ଶିବ ପ୍ରସାଦ ଦାଶ ଓ ଦୀନବନ୍ଧୁ ପ୍ରହରାଜଙ୍କ ଘରୁ ଚୋରି ହେବାର ୧୦ଦିନରୁ ଉର୍ଦ୍ଧ୍ୱ ବିତି ଯାଇଛି। ହେଲେ ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସ ବିଫଳ ହେବାରୁ ଗାଁଲୋକଙ୍କର ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଛି। ବାଉଁଶିଆ ଗାଁରେ ପାଟ୍ରୋଲିଂ ଓ ଦୁର୍ବୃତ୍ତମାନଙ୍କୁ ଶୀଘ୍ର ଧରିବାକୁ ଗାଁଲୋକ ଏସ୍‌ପି ଓ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ିଙ୍କୁ ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୮ ତାରିଖରେ ଶିବ ପ୍ରସାଦଙ୍କ ଘରୁ ଫ୍ରିଜ, ଗ୍ୟାସ ସିଲିଣ୍ଡର ସମେତ ଘର ଉପକରଣ ଏବଂ ଦୀନବନ୍ଧୁଙ୍କ ଘରୁ ଗତ ୧୭ ତାରିଖରେ ଏଲଇଡି ଟିଭି, ଘର ଆସବାବପତ୍ର ଚୋରି ହୋଇଥିଲା। ଯାହାକି ସ୍ଥାନୀୟ ଅଞ୍ଚଳର ଦୁର୍ବୃତ୍ତ ପରି ଜଣାପଡୁଛି। ସିସିଟିଭି ଯାଞ୍ଚ କଲେ ଦୁର୍ବୃତ୍ତଙ୍କୁ ଧରିବା ସହଜ ହେବ। ଏ ନେଇ ଅଭିଯୋଗ ପରେ ବି ପୋଲିସ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

# ୧୧ବର୍ଷ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ସାଇକେଲ ଷ୍ଟାଣ୍ଡ

■ ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ

■ ୧୨ ପିଲାରରେ କାର୍ଯ୍ୟ ସୀମିତ

■ ଅନାବନା ଗଛଲତାରେ ଭରି ରହିଛି



ଅର୍ଦ୍ଧ ନିର୍ମିତ ଅବସ୍ଥାରେ ସାଇକେଲ ଷ୍ଟାଣ୍ଡ।

ଖଣ୍ଡପଡ଼ା,୨୮।୧୦ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା,୨୮।୧୦(ଅଜୟ କୁମାର ମହାରଣା)– ଖଣ୍ଡପଡ଼ାରେ ମହିଳା ମହାବିଦ୍ୟାଳୟ ପରିସରରେ ଛାତ୍ରୀମାନଙ୍କ ସୁବିଧା ଦୃଷ୍ଟିରେ ରଖି ୧୧ବର୍ଷ ତଳେ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଖଣ୍ଡପଡ଼ା ଏନ୍‌ଏସି ପକ୍ଷରୁ ବ୍ୟୟ ବରାଦ ହୋଇ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ସାଇକେଲ ଷ୍ଟାଣ୍ଡ ପାଇଁ ୧୨ ଗୋଟି କଂକ୍ରିଟ ପିଲାର ନିର୍ମାଣ କରାଯିବା ପରେ କାର୍ଯ୍ୟଟି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଦୀର୍ଘବର୍ଷ ହେଲା କାର୍ଯ୍ୟଟି ପଡ଼ି ରହିଥିବାରୁ ଉକ୍ତ ପରିସରରେ ବିଭିନ୍ନ ଗଛଲତା ଭରି ରହି ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଥିବା ଅଭିଯୋଗ ହେଉଛି। ଉକ୍ତ ମହାବିଦ୍ୟାଳୟରେ ଅଧ୍ୟୟନରତ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀ ଖୋଲାମେଲାରେ ସାଇକେଲ ରଖୁଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିବାରେ କାର୍ଯ୍ୟଟି ସମ୍ପନ୍ନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। କେବଳ ପ୍ରତିଶ୍ରୁତି ମିଳିବା ସାର ହୋଇଛି ବୋଲି ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ। ଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସାଇକେଲ ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।



## ସଂକ୍ଷେପରେ

### ପାଟନାଳୀରେ ବୁଡ଼ି ମହିଳା ମୃତ

ଚଣ୍ଡିଖୋଲ,୨୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):
ବଡ଼ଚଣା ବ୍ଲକ ଅନ୍ତର୍ଗତ ସମିଆ ପଞ୍ଚାୟତର କଳକଳା କୋଲ୍ଲା ଗ୍ରାମର ଜଣେ ଆଦିବାସୀ ମହିଳା ସୋମବାର ଶୌଚ ହେବାକୁ ଯାଇ ପାଟନାଳୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ଗୋଡ଼ ଖସି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ମିନତୀ ଆଲଡା (୩୪) । ଗ୍ରାମ ପାଖରେ ବହି ଯାଇଥିବା ସିଆରିଆ ପାଟ ନାଳିକୁ ସେ ପ୍ରତିଦିନ ପରି ସୋମବାର ସକାଳୁ ଶୌଚ ପାଇଁ ଯାଇଥିଲେ । ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ । ନାଳ ପାଖରେ ସେ ପଡ଼ି ରହିଥିଲେ। ଗ୍ରାମବାସୀ ତାଙ୍କୁ ପାଣିରୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମିନତୀଙ୍କ ପରିବାର କହିଲେ ସ୍ୱାମୀ ଓ ୨ ଛୋଟ ପୁଅ ଅଛନ୍ତି । ଏହି ଦମ୍ପତି ଦିନ ମଜୁରିଆ ଥିଲେ। ମା'ଙ୍କ ପରଲୋକ ପରେ ତାଙ୍କ ୨ ଶିଶୁ ବେସାହାରା ହୋଇପଡିଛନ୍ତି। ସରକାର ସେହି ଦୁଇ ଶିଶୁଙ୍କୁ ନିଜ ହେପାଜତକୁ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ବୈରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

### କାମ କରୁଥିବା ବେଳେ ମୃତ୍ୟୁ ଆସିଲା

ଚଣ୍ଡିଖୋଲ,୨୮।୧୦(ପ୍ରଦୀପ୍ତ କୁମାର ପୃଷ୍ଟି):
ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତ ଅଧୀନ ଓଲର ଗ୍ରାମର ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ (୫୩) ସୋମବାର କାମ କରୁଥିବା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଓଲର ଗ୍ରାମ ପ୍ରାଥମିକ ବିଦ୍ୟାଳୟ ନିକଟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ହଠାତ୍ ତାଙ୍କର ହୃଦ୍‌ଘାତ ହୋଇଥିଲା। ସେଠାରେ ଥିବା ଅନ୍ୟମାନେ ତାଙ୍କୁ ତୁରନ୍ତ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଗୋବିନ୍ଦ ଜଣେ ନିର୍ମାଣ ଶ୍ରମିକ ଥିଲେ । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବିଲରେ କାମ କରୁଥିବା ବେଳେ ବାଇକ୍ ଚୋରି

ଚଢ଼େଇଧରା,୨୮।୧୦(ଦିଲ୍ଲୀପ ପରିଡ଼ା):
ଜେନାପୁର ଥାନା ଅନ୍ତର୍ଗତ ବରଡ଼ା – ଗଡ଼ମଧୁପୁର ବାଲଚତରି ପୋଲ ନିକଟରୁ ଏକ ବାଇକ୍ ସୋମବାର ଚୋରି ହୋଇଯାଇଛି । ବାଇକ୍ ମାଲିକ କୁକୁଡ଼ାଖାଳି ଗ୍ରାମର ଗୟାଧର ବେହେରା ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି ବିଲ କାମ କରୁଥିଲେ । ଏହି ସୁଯୋଗରେ କେହି ତାଙ୍କ ବାଇକ୍(ନଂ. ଓଡି୦୪ ପି ୩୪୫୩)କୁ ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଗତ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ବାଇକ୍ ଲୁଟେରାମାନେ ସକ୍ରିୟ ହୋଇଛନ୍ତି । ଜେନାପୁର ଥାନା ପୋଲିସ ଏ ସଂକ୍ରାନ୍ତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# କମୁଛି ତାଳଗଛ, ବଢୁଛି ବଜ୍ରପାତଜନିତ ଦୁର୍ଘଟଣା

କାଏମା,୨୮।୧୦(ଶିବପ୍ରସାଦ ମହାନ୍ତି):



ଦିନକୁ ଦିନ ଜଙ୍ଗଲ ଧ୍ୱଂସ ଯୋଗୁ ପାଣିପାଗରେ ନାନା ପରିବର୍ତ୍ତନ ଦେଖିବାକୁ ମିଳୁଛି। ଯେଉଁ ଭଳି ଭାବେ ସହର ଓ ଜନବସତି ବୃଦ୍ଧି ପାଇବାରେ ଲାଗିଛି ସେହିପରି ଭାବେ ଗଛଲତା କାଟି ଦିଆଯାଉଛି। ଏଥିଯୋଗୁ ଅନେକ ଔଷଧୀୟ ଗଛ ବଳି ପଡୁଛି । ପ୍ରାକୃତିକ ଦୁର୍ବିପାକ ସମୟରେ ବିଭିନ୍ନ ବୃକ୍ଷ ସୁରକ୍ଷା ଦେଇଥାଏ। ସେଥିପାଇଁ ପୂର୍ବରୁ ରାସ୍ତାପାର୍ଶ୍ୱ ଓ ଖୋଲା ସ୍ଥାନରେ ଚାରା ରୋପଣ କରାଯାଉଥିଲା । ସେହି ଗଛ ମଧ୍ୟରେ ତାଳଗଛକୁ ବହୁଳ ଭାବେ ରୋପଣ କରାଯାଉଥିବା ଦେଖିବାକୁ ମିଳୁଥିଲା । ଏହି ଗଛ ବଜ୍ରପାତରୁ ଲୋକମାନଙ୍କୁ ସୁରକ୍ଷା ଦେଇଥାଏ। ହେଲେ ତାଳଗଛ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଏଥିପାଇଁ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ବଢ଼ି ଚାଲିଛି।

ଯାଜପୁର ଜିଲାର ଧର୍ମଶାଳା ଅଞ୍ଚଳକୁ ଏଠାରେ ଉଦାହରଣ ଭାବେ ନିଆଯାଇଛି। ବହୁ ଭାବେ ଚାଷ ହେଉଥିବା ଏହି ଅଞ୍ଚଳରେ ଅନେକ ହେକ୍ଟର ଚାଷ ଜମି ରହିଛି । ତେଣୁ ଚାଷୀମାନେ ଧାନ,ବିରି, ମୁଗଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପନିପରିବା ଚାଷ କରିଥାଆନ୍ତି। ପୂର୍ବରୁ ଚାଷ ଜମି ପାର୍ଶ୍ୱରେ ଅନେକ ତାଳ ଗଛ ଥିଲା । ଏହି ଗଛ ଯୋଗୁ ଖୋଲା ଆକାଶ ତଳେ କାମ କରୁଥିବା ଚାଷୀ ବଜ୍ରପାତରୁ ରକ୍ଷା ପାଉଥିଲା । କିନ୍ତୁ ଦିନକୁ ଦିନ ସେସବୁ ଗଛ ଆଉ ଦେଖିବାକୁ ମିଳୁନାହିଁ। ଫଳରେ ଖରାବର୍ଷା ସମୟରେ ଚାଷୀ ବିଲରେ କାମ କରୁଥିବା ବେଳେ ବଜ୍ରପାତ ଦାଉରୁ ନିଜ ଜୀବନକୁ ରକ୍ଷା କରିପାରୁନାହିଁ। କିଛି ବର୍ଷ ମଧ୍ୟରେ ଅନେକ ଚାଷୀଙ୍କ ବଜ୍ରପାତ ଯୋଗୁ ମୃତ୍ୟୁ ହୋଇଥିବା ଦେଖିବାକୁ ମିଳୁଛି।

ସୂଚନାଯୋଗ୍ୟ, ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭବାନୀପୁର ଗ୍ରାମର ଚାଷୀ ରମାକାନ୍ତ ସାହୁ ଗାଁ ନିକଟସ୍ଥ ବିଲରେ ଧାନ ରୋଉଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଥିଲେ । ତା'ର କିଛି ଦିନ ପୂର୍ବରୁ ଗଡମଧୁପୁର ଅଞ୍ଚଳରେ ୨ ଚାଷୀ ବିଲରେ ଧାନ ରୋଉଥିବା ବେଳେ ଜଣକଙ୍କ ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। କେବଳ ଚାଷୀ ଜମି ନୁହେଁ, ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଲୋକଙ୍କ ମୃତ୍ୟୁ ଘଟୁଛି । ତାଳଗଛ ନ ଥିବାରୁ ବଜ୍ରପାତର ହାର ବଢ଼ିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି । ରାସ୍ତା ପ୍ରଶସ୍ତୀକରଣ, କୋଠାବାଡ଼ି ନିର୍ମାଣ ଯୋଗୁ ଏପରି ସୁରକ୍ଷାକାରୀ ବୃକ୍ଷକୁ କାଟି ଦିଆଯାଉଥିବାରୁ ତାପମାତ୍ରା ବୃଦ୍ଧି ସାଙ୍ଗକୁ ଅନିୟମିତ ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟକୁ ସୃଷ୍ଟି ହେଉଛି। ଏ ସଂକ୍ରାନ୍ତରେ ସମସ୍ତେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି । କାଏମା ପାହାଡ଼ ,ଲାଙ୍ଗୁଡି ପାହାଡ଼ ଭଳି ଅନେକ ସ୍ଥାନରେ ଜିଲା ପ୍ରଶାସନ ଓ ସାମାଜିକ ସଙ୍ଗଠନ ପକ୍ଷରୁ ତାଳଗଛ ରୋପଣ କରିବାକୁ ଦାବି ହୋଇଛି । ଚଣ୍ଡିଖୋଲର ପୂର୍ବତନ ବନ ବିଭାଗ ଅଧିକାରୀ ଅଶ୍ୱିନୀ କୁମାର ସାହୁ କହିଛନ୍ତି, ଗତ ଅଗଷ୍ଟ ମାସରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଅନେକ ତାଳ ଗଛ ରୋପଣ କରାଯାଇଛି ।

## କ୍ରଶର କେବୁଲ ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

ଜେନାପୁର,୨୮।୧୦ (ଅଶୋକ ଦାସ):
ଯାଜପୁର ଜିଲା ଜେନାପୁରପୁର ଥାନା ପୋଲିସ ପକ୍ଷରୁ ସୋମବାର ଏକ ବନ୍ଦ କ୍ରଶରରୁ କେବୁଲ ଚୋରି ଅଭିଯୋଗରେ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗୀଆ ଗ୍ରାମର ଗାଜୁ ପୁର୍ତ୍ତି (୨୫), ସନ୍ତୋଷ ଚାମ୍ପିଆ (୨୪), କାଳିଆ ସରଦାର (୨୧)। ସୂଚନା ମୁତାବକ ଗତ ୨୪ ତାରିଖ ବିଳମ୍ବିତ ରାତିରେ ବାତ୍ୟା ଓ ବର୍ଷା ହେଉଥିବା ବେଳେ କୁସୁନପୁରସ୍ଥିତ ବନ୍ଦ ଥିବା ମହାବିନାୟକ ଷ୍ଟୋନ କ୍ରଶରର ସୁରକ୍ଷା କର୍ମୀ ବାତ୍ୟା ହେବାରୁ ନିରାପଦ ସ୍ଥାନକୁ ଚାଲି ଯାଇଥିଲେ । ଏହାର ସୁଯୋଗ ନେଇ ସମ୍ପୃକ୍ତ ଯୁବକମାନେ କ୍ରଶର କେବୁଲ ଚୋରି କରି ନେଇଥିଲେ। ଗତ ୨୫ ତାରିଖରେ କ୍ରଶର୍ ମ୍ୟାନେଜର ବାଲିସାହି ଗ୍ରାମର ବିଷ୍ଣୁ ଚରଣ ଷେଣ୍ଡ ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ.୩୬୮/୨୪) ରୁଜୁ କରି ତଦନ୍ତ ଚଳାଇଛି । ଗାଜୁ, ସନ୍ତୋଷ, କାଳିଆଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ସୂଚନା ଦେଇଛନ୍ତି।

## ଉପ-କୋଷାଗାର କାର୍ଯ୍ୟାଳୟ ଉଦ୍‌ଘାଟିତ



ବିଧାୟିକା ପ୍ରମିଳା ମଲ୍ଲିକ ଉପ-କୋଷାଗାର କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି ।

ବିଞ୍ଝାରପୁର,୨୮।୧୦(ରାମକୃଷ୍ଣ ଦାସ):
ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାପ ଅଲାରପୁରଠାରେ ନୂତନ ଉପ-କୋଷାଗାର କାର୍ଯ୍ୟାଳୟ ସୋମବାର ଉଦଘାଟିତ ହୋଇଯାଇଛି। ଏକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଉକ୍ତ କାର୍ଯ୍ୟାଳୟ ଉଦଘାଟନ କରିଥିଲେ । ଉଦଘାଟନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାର ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ସୁଶାନ୍ତ କୁମାର ମିଶ୍ର, ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜିଲା କୋଷାଗାର ଅଧିକାରୀ ଦୀପ୍ତିରଞ୍ଜନ ପାତ୍ର,ବ୍ଲକ ଉପାଧ୍ୟକ୍ଷ ଶେଖ୍ ଇର୍ସାଦ,ବିଞ୍ଝାରପୁର ଉପକୋଷାଗାରର କୋଷାଧିକାରୀ ଅଶୋକ କୁମାର ସେଠୀ, ମାଁସଡ଼ା ଗ୍ରାପର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବେହେରା, ଦିଲୀପ ରାଉଳ, କଲ୍ୟାଣପୁର ଗ୍ରାପର ପୂର୍ବତନ ସରପଞ୍ଚ ମୁକ୍ତିକାନ୍ତ ସାମଲ, ଶିକ୍ଷାବିତ୍ ରବିନାରାୟଣ ମହାନ୍ତି, ସାମାଜିକ କର୍ମୀ ସରୋଜ ସାହୁ,ରଣପୁର ଗ୍ରାପର ସରପଞ୍ଚ ରିୟଙ୍କା ଜେନା,ଦିବାକର ସାହୁ, ବିଜୟ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ବାତ୍ୟା,ବର୍ଷାରେ ପାଚିଲା ଧାନ ଗଜା

### ରାଜସ୍ୱ,କୃଷି ବିଭାଗ କର୍ମଚାରୀ କ୍ଷୟକ୍ଷତି ଦେଖିଲେ

ସିଂହପୁର,୨୮।୧୦( ଅନଙ୍ଗ ଉଦୟ ବେଉରିଆ):



ରାଜସ୍ୱ ଓ କୃଷି କର୍ମଚାରୀମାନେ କ୍ଷୟକ୍ଷତିର ଆକଳନ କରୁଛନ୍ତି ।

ବାତ୍ୟା ଓ ଲଗାଣ ବର୍ଷା ଯୋଗୁ ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନ ଓ ବିରି ଫସଲର ବ୍ୟାପକ କ୍ଷୟ କ୍ଷତି ହୋଇଛି । ଉଭୟ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ଫସଲ କ୍ଷତି ଆକଳନ ପାଇଁ ସୋମବାର ସିଂହପୁର ରାଜସ୍ୱ ବିଭାଗ ପକ୍ଷରୁ ବସନ୍ତ କୁମାର ଦାସ ଓ କୃଷି ବିଭାଗ କର୍ମଚାରୀ ବିକାଶ ବେହେରା ସିଂହପୁରରେ ପହଞ୍ଚି ଫସଲ କ୍ଷତି ଦେଖିଥିଲେ । ଚାଷ ଜମିକୁ ଫସଲ କ୍ଷୟକ୍ଷତିର ତଦନ୍ତ କରିଥିଲେ । ଚାଷୀ ଗୋପାଳ ପ୍ରଧାନ, ପ୍ରଫୁଲ୍ଲ ମହାନ୍ତି, ରମେଶ ସାମଲ, ବାସୁଦେବ ସାମଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାତ୍ୟା ପ୍ରଭାବରେ ପ୍ରବଳ ବର୍ଷା ଯୋଗୁ ଧାନ ଓ ବିରି ଫସଲ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ଚାଷୀ ଧାରକରଜ କରି ବହୁ କଷ୍ଟରେ ଫସଲ କରିଥିଲା । ଆଉ କିଛି ଦିନ ପରେ ଫସଲ ଅମଳ ହୋଇଥାଆନ୍ତା । ବର୍ଷା ଚାଷୀମାନଙ୍କ ବର୍ଷକର ଆହାର ଛଡ଼ାଇ ନେଇଛି । ଏପରି ପରିସ୍ଥିତିରେ ଚାଷୀ ଅସହାୟ ହୋଇ ପଡ଼ିଛି । ତୁରନ୍ତ ଫସଲ କ୍ଷତି ସହାୟତା ଦେବା ସହିତ କୃଷି ଋଣ ଛାଡ କରିବାକୁ ଚାଷୀମାନେ ଦାବି କରିଛନ୍ତି ।

## ପୋଖରୀରେ ବୁଡ଼ି ଅବସରପ୍ରାପ୍ତ ଅଧ୍ୟାପକଙ୍କ ପରଲୋକ

ଧର୍ମଶାଳା,୨୮।୧୦(ବଟକୃଷ୍ଣ ପରିଡ଼ା):
ଧର୍ମଶାଳା ଥାନା ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ଅବସରପ୍ରାପ୍ତ ଅଧ୍ୟାପକ ପଙ୍କଜ କୁମାର ରାଉତଙ୍କ ଘର ନିକଟରେ ଥିବା ଏକ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ସ୍ୱର୍ଗତ ରାଉତ ଚଢେଇଧରାସ୍ଥିତ ଜଗନ୍ନାଥଜୀୟୁ କଲେଜରେ ଅଧ୍ୟାପକ ଥିଲେ । ସେ ଗତ କିଛି ମାସ ହେଲା ଅବସର ଗ୍ରହଣ କରି ଘରେ ରହୁଥିଲେ । ସୋମବାର ଅପରାହ୍ନରେ ସେ ନିଜ ବାଇକ୍‌ରେ ଘରକୁ ଯାଉଥିବା ବେଳେ ଅସାବଧାନତା ଯୋଗୁ ଘର ନିକଟରେ ଥିବା ଏକ ପୋଖରୀରେ ପଡିଯାଇଥିଲେ । ପରେ ତାଙ୍କ ମୃତଦେହ ଭାସୁଥିବା ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ବଡମଙ୍ଗଳପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।

## ରେଳ ଧାରଣାରୁ ମୃତଦେହ ଜବତ

ଯାଜପୁରରୋଡ଼,୨୮।୧୦(ପବିତ୍ର ରଞ୍ଜନ ମହାନ୍ତି):
ଯାଜପୁରରୋଡ଼ ଷ୍ଟେଶନ ପଶ୍ଚିମ ପଟ ଚୂନଭାଟି ପ୍ଲଟ୍ ରେଳ ଧାରଣାରୁ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଜିଆରପି ଜବତ କରିଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଯୁବକଙ୍କ ପରିଚୟ ମିଳିପାରିନାହିଁ। ସୋମବାର ପୂର୍ବାହ୍ନରେ ପୂର୍ବତଟ ରେଳବାଇର ଚୁନଭାଟି ନିକଟ ଡାଉନ ଲାଇନରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଜିଆରପିକୁ ଖବର ଦେଇଥିଲେ । ଖବର ପାଇ ରେଳବାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୭୮/୨୪) ରୁଜୁ ହୋଇଛି।

## ପାଲା ମହୋତ୍ସବରେ ସାମାଜିକ କର୍ମୀ ସମ୍ବର୍ଦ୍ଧିତ



ସାମାଜିକ କର୍ମୀଙ୍କୁ ପାଲା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଉଛି ।

ବିଞ୍ଝାରପୁର,୨୮।୧୦(ରାମକୃଷ୍ଣ ଦାସ):
ବିଞ୍ଝାରପୁର ବ୍ଲକ ଅରେଇ ଗ୍ରାମ ପଞ୍ଚାୟତରେ ମା'ଜାଗୁଲେଇ ପାଲା ପରିଷଦ ଓ ଅରେଇ ଗ୍ରାମବାସୀଙ୍କ ସହଯୋଗରେ ନବମ ବାର୍ଷିକ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ସମାଜିକ କର୍ମୀ ସ୍ମୃତିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଲକ୍ଷ୍ମୀପୂଜା ଅବସରରେ ଅରେଇସ୍ଥିତ ମୁକ୍ତପାଲା ମଣ୍ଡପରେ ଶେଷ ଦିନରେ ଆୟୋଜିତ ଏହି ଉତ୍ସବରେ ଗୁହାଳି ପଞ୍ଚାୟତର ଗୋବିନ୍ଦପୁର ଗ୍ରାମର ସ୍ମୃତିରଞ୍ଜନଙ୍କୁ ସମାଜସେବା କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ଉତ୍ତରୀୟ,ମାନପତ୍ର ପ୍ରଦାନ ପୂର୍ବକ ପୂର୍ଣ୍ୟଉତ୍କଳର ସଭାପତି ତାପସ ମହାପାତ୍ର ସମ୍ବର୍ଦ୍ଧିତ କରିଛନ୍ତି।

# ଫସଲହାନିର ଆକଳନ ଠିକ୍ କରିବାକୁ କଂଗ୍ରେସର ଦାବି

ଧର୍ମଶାଳା,୨୮।୧୦(ବଟକୃଷ୍ଣ ପରିଡା):
ବାତ୍ୟା ଦାନାର ପ୍ରଭାବରେ ଲଗାଣ ବର୍ଷା ଓ ପବନ ଯୋଗୁ ଧର୍ମଶାଳା ବ୍ଲକରେ ବ୍ୟାପକ ଫସଲ ନଷ୍ଟ ହୋଇଥିବା ବେଳେ କୃଷି ବିଭାଗ ପକ୍ଷରୁ ଏହାର ଠିକ ଆକଳନ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ଲାଗି କଂଗ୍ରେସ ଦାବି କରିଛି । ୨୪ ତାରିଖ ବାତ୍ୟା ପ୍ରଭାବରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଓ ପବନ ହେବାରୁ ବିରି, କୋଳଥ, ମୁଗ,ଧାନ ଓ ବିଭିନ୍ନ ପନିପରିବା ଚାଷରେ ବ୍ୟାପକ କ୍ଷତି ହୋଇଛି । କୃଷି ଓ ଉଦ୍ୟାନ ବିଭାଗ ତରଫରୁ ତରଭରିଆ ଭାବେ କ୍ଷୟକ୍ଷତି ଆକଳନ କରା ନ ଯାଇ ଠିକ ଭାବେ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଧର୍ମଶାଳା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି। କୃଷକନେତା ବସନ୍ତ ପରିଡ଼ାଙ୍କ ନେତୃତ୍ୱରେ ଯୁବ ସଙ୍ଗଠକ ସଞ୍ଜୟ କୁମାର ରାଉତ,ନରୋତ୍ତମ ନାୟକ, ପ୍ରଫୁଲ୍ଲ ରାୟ, ଗଗନ ରାଉତ, ମଥୁରୀ ପରିଡା, ମାମିନା ରାଉତ, ନକୁଳ ନାୟକ, ଅମରେନ୍ଦ୍ର ସାମଲ, ନୀଳମଣି ମଳିକ, ବୃନ୍ଦାବନ ପରିଡା, ଦୟାନିଧି ରାଉତ, ଲକ୍ଷ୍ମୀଧର ରାଉତ, ନକୁଳ ଚନ୍ଦ୍ର ଜେନା, ପରମାନନ୍ଦ ମହାନ୍ତି, ରଞ୍ଜନ ମହାନ୍ତି ପ୍ରମୁଖ ବହୁ କର୍ମୀ ଜାରକାସ୍ଥିତ ସହକାରୀ କୃଷି ଅଧିକାରୀ ତୁଷାରକାନ୍ତ ସେଠୀ ଓ ସହକାରୀ କୃଷି ଉଦ୍ୟାନ ଅଧିକାରୀ ଶୁଭଶ୍ରୀ ଶୁଭଦର୍ଶିନୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

# ପାରିଶ୍ରମିକ ପାଇଁ ବିଧାୟକଙ୍କୁ ଭେଟିଲେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍



ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଦାବିପତ୍ର ପ୍ରଦାନ କରୁଛନ୍ତି ।

ବରୀ,୨୮।୧୦(ମହେନ୍ଦ୍ର ସ୍ୱାଇଁ)
ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ପଞ୍ଚାୟତସ୍ତରରେ ପ୍ରମୁଖ ଭୂମିକା ରହିଛି। ସେମାନଙ୍କୁ ସରକାରଙ୍କ ତରଫରୁ ପାରିଶ୍ରମିକ ବାବଦରେ ପ୍ରତିମାସ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥାଏ। ମାତ୍ର ମିଶନଶକ୍ତିର କାର୍ଯ୍ୟରତ ଏହି ମହିଳା କର୍ମଚାରୀମାନେ ଗତ ୭ ମାସ ହେବ ସେମାନଙ୍କ ପାରିଶ୍ରମିକ ପାଇ ନ ଥିବା ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ସେମାନେ ବାରମ୍ବାର ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାହା ଫଳପ୍ରଦ ନ ହେବାରୁ ସୋମବାର ସେମାନେ ମିଳିତ ଭାବେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲିକଙ୍କୁ ବ୍ଲକ ପରିସରରେ ଭେଟି ନିଜ ସମସ୍ୟା ସମାଧାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି । ସେମାନଙ୍କ ଅଭିଯୋଗ ପାଇବା ପରେ ବିଧାୟକ ମଲିକ ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳଙ୍କ ସହିତ ଆଲୋଚନା କରି କିଭଳି ମିଶନ ଶକ୍ତିର ମହିଳାମାନେ ସେମାନଙ୍କ ପ୍ରାପ୍ୟ ପାଇ ପାରିବେ ସେ ନେଇ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

- ୭ମାସ ହେବ ପାରିଶ୍ରମିକ ପାଇ ନାହାନ୍ତି
- ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନି

# ଜାତୀୟ ରାଜପଥରେ ଦୁର୍ଘଟଣା, ମହିଳା ମୃତ

ଚଣ୍ଡିଖୋଲ,୨୮।୧୦
(ପ୍ରଦୀପ୍ତ କୁମାର ପୃଷ୍ଟି)

### ୪ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ

ଜାତୀୟ ରାଜପଥ ୫୩ ନଂ. ଚଣ୍ଡିଖୋଲ–ପାରାଦୀପର ଭାକୁଡ ଓ କଉଡୁକୋଲ ଛକ ମଧ୍ୟବର୍ତ୍ତୀ ସ୍ଥାନରେ ସୋମବାର ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ଜଣେ ସ୍କୁଟି ଆରୋହୀ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କୃଷ୍ଣଦାସ ପୁର ଗ୍ରାମର ନଗେନ୍ଦ୍ର କୁମାର ମହାନ୍ତିଙ୍କ ସ୍ତ୍ରୀ ମଧୁସ୍ମୃତି ମହାନ୍ତି (୩୩)। ସେ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ମନ୍ଦିରରେ ନିଜ ପୁଅକୁ ଛାଡି ସ୍କୁଟିରେ ତେଲ ପକାଇବା ପାଇଁ କଉଡୁକୋଲ ତେଲ ଟାଙ୍କିକୁ ଯିବା ବେଳେ ଦୁର୍ଘଟଣା ଘଟିଥିଲା।

ସୂଚନା ଅନୁଯାୟୀ, ଜାତୀୟ ରାଜପଥ ୮ ଲେନ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଏଆଇପିଏଲ କମ୍ପାନୀ ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଖୋଳି ଡାଇଭର୍ସନ ରୋଡ କରିବା ଦ୍ୱାରା ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହେଉଛି। ସେଥିପାଇଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଅଭିଯୋଗ କରି ସ୍ଥାନୀୟ କୃଷ୍ଣଦାସପୁର ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଦୁର୍ଘଟଣା ଘଟିଥିବା ସ୍ଥାନ ବାଲିଚନ୍ଦ୍ରପୁର ଓ ମାହାଙ୍ଗା ଥାନା ସୀମାରେ ହୋଇଥିବାରୁ କେଉଁ ପୋଲିସ ତଦନ୍ତ କରିବ ସେଥିନେଇ କିଛି ସମୟ ସୀମା ବିବାଦରେ କଟିଥିଲା। ଏହାପରେ ମାହାଙ୍ଗା ପୋଲିସ ଓ ବାଲିଚନ୍ଦ୍ରପୁର ପୋଲିସ ଉଭୟ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ରେଡ଼କ୍ରସ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ ସହ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ୪ଘଣ୍ଟା ପରେ ଅର୍ଥାତ୍ ସନ୍ଧ୍ୟାରେ ରାସ୍ତା ଅବରୋଧ ହଟିଥିଲା।



ଦୁର୍ଘଟଣା ପରେ ଉତ୍ତେଜିତ ଲୋକମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ।

**ହାଇୱାରୁ ବ୍ୟାଟେରି ଚୋରି ଅଭିଯୋଗ**

ପଟ୍ଟାମୁଣ୍ଡାଇ(କଳ୍ପତରୁ ନାୟକ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କଷଣଅଣ୍ଡା ଗ୍ରାମରୁ ୪ଟି ହାଇୱାରୁ ୮ଟି ବ୍ୟାଟେରି ଚୋରି ହୋଇଥିବା ଏତଲା ଦିଆଯାଇଛି। ୨୫ ତାରିଖ ଝଡ଼ବାତ୍ୟା ଯୋଗୁ ପ୍ରବଳ ବର୍ଷା ପବନ ବହିବା ଫଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ଘନ ଅନ୍ଧକାର ସୁଯୋଗ ନେଇ କେତେଜଣ ଦୁର୍ବୃତ୍ତ ଲଲାଟେନ୍ଦୁ ସ୍ୱାଇଁଙ୍କ ହାଇୱାରୁ ୨ଟି ବ୍ୟାଟେରି, ସୁଶାନ୍ତ ପଣ୍ଡାଙ୍କ ୩ଟି ହାଇୱାରୁ ୬ଟି ବ୍ୟାଟେରି ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଉଭୟ ଲଲାଟେନ୍ଦୁ ଓ ସୁଶାନ୍ତ ଥାନାରେ ପୃଥକ୍ ପୃଥକ୍ ଏତଲା ଦାଏର କରିଛନ୍ତି। ଆଇଆଇସି ସୁଶାନ୍ତ ସାହୁଙ୍କ ନିର୍ଦ୍ଦେଶରେ ପୋଲିସ ୨ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି।



# ପ୍ଲାଷ୍ଟିକ ପ୍ରଦୂଷଣ, ତଟକ୍ଷୟ ସମସ୍ୟା ସୃଷ୍ଟି କରିବ

କେନ୍ଦ୍ରାପଡ଼ା, ୨୮।୧୦ (ଜଗନ୍ନାଥ ଧଳ)


ଅଲିଭରିଡ୍‌ଲେ କଇଁଛ ଛଆ ସମୁଦ୍ରକୁ ଯାଉଛନ୍ତି। (ଫାଇଲ୍ ଫଟୋ)

ବିଶ୍ୱପ୍ରସିଦ୍ଧ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ଥିବା ପ୍ରଚୁର ଖାଦ୍ୟ ବିରଳ ଅଲିଭରିଡ୍‌ଲେ କଇଁଛଙ୍କୁ ଆକର୍ଷିତ କରୁଛି। ପ୍ରତିବର୍ଷ ୪ରୁ ୫ଲକ୍ଷ କଇଁଛ ଏଠାକୁ ଆସି ଅଣ୍ଡାଦାନ କରୁଛନ୍ତି। ତେବେ ଆଇୟୁସିଏନ୍‌ର ରେଡ୍ ଡାଟା ଲିଷ୍ଟରେ ଥିବା ଏହି ଜୀବଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଅହେତୁକ ମାତ୍ରାରେ ଜେଲି ଫିସର ସଂଖ୍ୟା ବୃଦ୍ଧି ଘଟୁଛି। ଶୈବାଳ ଉଦ୍ୟାନ ନଷ୍ଟ ହେଉଥିବା ବେଳେ ମାଛବଂଶ ବିଭିନ୍ନ କାରଣରୁ କମିଯାଉଛି। ତଟକ୍ଷୟ, ବନ ବିଭାଗର ସ୍ପିଡ୍ ବୋଟ ଅଚଳ, ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ, ସମୁଦ୍ର ତଟରକ୍ଷା ବାହିନୀ ସହିତ ଭାବ ବିନିମୟରେ ଅଭାବରୁ ମତ୍ସ୍ୟଜୀବୀଙ୍କ ବେଆଇନ ପ୍ରବେଶ, ଗାଞ୍ଜି ଜାଲରେ କଇଁଛ ଧରାପଡ଼ିବା ଆଦି ସମସ୍ୟାରେ ବନ ବିଭାଗର ସୁରକ୍ଷା ପ୍ରଦାନ ଦେବା ଏକ ଚ୍ୟାଲେଞ୍ଜ ପାଲଟିଛି। ଚଳିତବର୍ଷ ସାତଭାୟାରେ ସୃଷ୍ଟି ହୋଇଥିବା ନୂଆ ବେଳାଭୂମିକୁ ନେଇ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଆଶା ପ୍ରକଟ କରିଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, କଇଁଛ ସୁରକ୍ଷା ପାଇଁ ଆସନ୍ତା ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ପାଇଁ ସାମୁଦ୍ରିକ କଟକଣା ଆରମ୍ଭ ହେବ। ପ୍ରତିବର୍ଷ ୪ରୁ ୫ ଲକ୍ଷ ପର୍ଯ୍ୟନ୍ତ ଅଲିଭରିଡ୍‌ଲେ ଏହି ଅଞ୍ଚଳକୁ ପ୍ରଜନନ ସ୍ଥଳ ଭାବେ ବାଛିବା ବିଶ୍ୱ ପ୍ରକୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ୧୪୩୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ତଟଭୂମି ଏହି କଇଁଛଙ୍କ ଅନୁକୂଳ ବିଭିନ୍ନ କାରଣରୁ ଦୁର୍ବଳ ହେବାରେ ଲାଗିଛି। ଏହି ବିରଳ ଜୀବ ଆଇୟୁସିଏନ୍‌ର ରେଡ୍ ଡାଟାବୁକ୍‌ରେ ରହିଛନ୍ତି। ୧ ହଜାର ଶାବକଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୂର୍ଣ୍ଣ ବୟସ୍କ ହେଉଥିବା ଆଇୟୁସିଏନ୍ ଦର୍ଶାଇଥିବା ବେଳେ କଇଁଛ ମୃତ୍ୟୁକୁ ନେଇ ଉଦ୍‌ବେଗର କାରଣ ସାଜିଛି। ରାଜ୍ୟ ସରକାରଙ୍କ ବନ ଓ ପରିବେଶ ବିଭାଗ ୧୯୯୭ ସେପ୍ଟେମ୍ବର ୨୭ରେ ଗହୀରମଥାର ଏହି ସାମୁଦ୍ରିକ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ଅଲଗା କରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛନ୍ତି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ୧୪୩୫ ବର୍ଗକିଲୋମିଟରର ମଧ୍ୟରୁ ମାତ୍ର ୨୭ ବର୍ଗକିଲୋମିଟରର ସ୍ଥଳଭାଗ। ଏହି ସ୍ଥଳଭାଗ ସାମୁଦ୍ରିକ ତଟକ୍ଷୟର ଶିକାର ହେଉଛି। ୨୦୨୧ ମସିହାରେ ଅଗରନାସୀ ଦ୍ୱୀପ ସମ୍ପୂର୍ଣ୍ଣ ସମୁଦ୍ରରେ ବିଲୀନ ହେବା ସହିତ ବିଗତ ବର୍ଷଗୁଡ଼ିକରେ ନାସୀ, ବାବୁବାଲି, ଏକକୁଳା ଆଦି ସ୍ଥାନଗୁଡ଼ିକର ଆକାର କମିଛି। ସାତଭାୟାର ବିସ୍ତୀର୍ଣ୍ଣ ବାଲିକୁ ଏହି କଇଁଛ ଅନୁକୂଳ କରିବା ସମ୍ଭାବନା ଅଛି। ପ୍ରଜନନ ସ୍ଥାନ ଅଭାବ ପାଇଁ କଇଁଛଙ୍କ ଅକାଳ ମୃତ୍ୟୁ ଏବେ ସମସ୍ୟା ହୋଇଛି। ଏହି ନିଷିଦ୍ଧାଞ୍ଚଳରେ ବହୁ ସମୟରେ ବେଆଇନ ମାଛ ଧରା ସେମାନଙ୍କ ଜୀବନ ପ୍ରତି ବିପଦ ସାଜିଛି। ବନ ବିଭାଗ ନିକଟରେ ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲରକୁ ଧରିବା ପାଇଁ ଉପଯୁକ୍ତ ଇଞ୍ଜିନ ବିଶିଷ୍ଟ ବୋଟ୍ ନାହିଁ। ଜିଲାରେ ଥିବା ୩ ସାମୁଦ୍ରିକ ଥାନା କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ତଟ ସୁରକ୍ଷା ବାହିନୀ ସହ ସମ୍ପର୍କ ରଖିବାରେ ବହୁ ସମୟରେ ବନ ବିଭାଗ ବିଫଳ ହେଉଛି। ଏହାବ୍ୟତିତ ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ିଚାଲିଛି। ଯାହା ସମୁଦ୍ରର ଶୈବାଳ ଉଦ୍ୟାନକୁ ନଷ୍ଟ କରୁଛି। ଶିଳ୍ପାଞ୍ଚଳ ଓ ଚିଙ୍ଗୁଡ଼ି ଘେରିର ବର୍ଜ୍ୟ ବସ୍ତୁ ଓ ଜଳ ଶୈବାଳ ଉପରେ ପ୍ରଭାବ ପକାଇଛି। ଫଳରେ ଜେଲି ଫିସ ସଂଖ୍ୟା ବଢୁଛି। ଏହାସହ ବିଭିନ୍ନ କାରଣରୁ ପ୍ରତିବର୍ଷ ନିଷିଦ୍ଧାଞ୍ଚଳରେ ପ୍ରତିବର୍ଷ ହଜାରରୁ ଅଧିକ କଇଁଛଙ୍କ ମୃତ୍ୟୁ ହେଉଛି। ସୁରକ୍ଷା ବ୍ୟବସ୍ଥା ଗହୀରମଥାରେ କାର୍ଯ୍ୟକାରୀ ହେଉ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି, ବିରଳ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଛି। କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ଅନୁପ୍ରବେଶ ରୋକିବା ପାଇଁ କ୍ୟାମ୍ପ ସହିତ ନିରୀକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗତ କଟକଣା ସମୟରେ ବେଆଇନ ଭାବେ ପ୍ରବେଶ ବୋଟ ଓ ଟ୍ରଲରକୁ ଜବତ କରାଯାଇଥିବା ବେଳେ ୨୫୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ସେ କହିଛନ୍ତି।

- ବିରଳ ଅଲିଭରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା
- ନଭେମ୍ବରଠାରୁ ସାମୁଦ୍ରିକ କଟକଣା ଆରମ୍ଭ
- ସାତଭାୟାରେ ସୃଷ୍ଟି ହୋଇଛି ନୂଆ ବେଳାଭୂମି

## ଅଗ୍ନିକାଣ୍ଡରେ ଗାଈ, ୨୯ ଛେଳି, ୧୫ କୁକୁଡ଼ା ଜୀବନ୍ତ ଦଗ୍ଧ

ରାଜକନିକା,୨୮।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତ ଖୁଣ୍ଟା ଗାଁର ବିଶ୍ୱମ୍ଭର ଜେନାଙ୍କ ପରିବାର ଛେଳି କୁକୁଡ଼ା ଓ ଗାଈ ରଖି, ଦୁଃଖେ କଷ୍ଟେ ପରିବାର ଚଳାଉଥିଲେ। ହେଲେ ରବିବାର ବିଳମ୍ବିତ ରାତ୍ରିରେ କୌଣସି କାରଣରୁ ନିଆଁ ଲାଗି ଗୁହାଳଘରେ ଲାଗିବାରୁ ଗୋଟିଏ ଗାଈ, ୨୯ ଛେଳି, ୧୫ କୁକୁଡ଼ା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ବିଶ୍ୱମ୍ଭର ଜଣେ ପକ୍ଷାଘାତ ରୋଗୀ, ସ୍ତ୍ରୀ ମଇନା ଏହି ଛେଳି, କୁକୁଡ଼ା ଓ ଗାଈ ରଖି ପରିବାର ପ୍ରତିପୋଷଣ କରୁଥିଲେ। ଝିଅକୁ ଯୁକ୍ତ ୨ ପଢ଼ାଇବା ସହ ପୁଅକୁ ୮ମ ଶ୍ରେଣୀରେ ପଢ଼ାଉଛନ୍ତି। ଧାରକରଜ କରି ଛେଳି କିଣିଥିଲେ। ଏବେ ଏହି ଗରିବ ପରିବାରର ସବୁକିଛି ଚାଲିଗଲା। ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗାଁ ଲୋକେ ପ୍ରଶାସନ ନିକଟରେ ଦାବିକରିଛନ୍ତି।

## ଆଶାକର୍ମୀ ଶିବାନୀଙ୍କୁ ବିଭିନ୍ନ ମହଲରୁ ସମ୍ବର୍ଦ୍ଧନା


କେନ୍ଦ୍ରାପଡ଼ା ଜିଲା ଆଶା କର୍ମୀ ସଂଘ ପକ୍ଷରୁ ଶିବାନୀ ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜନଗର, ୨୮।୧୦(ଭାସ୍କର ରାଉତରାୟ)

ରାଜନଗର ଜୟଦୁର୍ଗା ବଣିକ ସଂଘ ପକ୍ଷରୁ ଆଶା କର୍ମୀ ଶିବାନୀ ମଣ୍ଡଳଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ବଣିକ ସଂଘ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ସଂଘର ସଭାପତି ବାଇଧର ସେଠୀ, ଉପସଭାପତି ଶୂନ୍ୟବାସୀ ରାଉଳ, ସମ୍ପାଦକ ସତ୍ୟବାନ ସେଠୀ, ସହସମ୍ପାଦକ ସୋମନାଥ ବାରିକ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ଲେଙ୍କା, ଉପଦେଷ୍ଟା ପଣ୍ଡିତ ଶଙ୍କର୍ଷଣ ମିଶ୍ର ପ୍ରମୁଖ ଯୋଗଦେଇ ଶିବାନୀଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସାହସୀ ଓ କର୍ତ୍ତବ୍ୟ ନିଷ୍ଠାକୁ ସାବାସୀ ଜଣାଇଥିଲେ।

ସେହିପରି କେନ୍ଦ୍ରାପଡ଼ା ଜିଲା ଆଶାକର୍ମୀ ସଂଘ ପକ୍ଷରୁ ଶିବାନୀଙ୍କୁ ରାଜନଗରଠାରେ ସମ୍ବର୍ଦ୍ଧିତ କରାଯାଇଛି। ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ନିଖିଳ ଓଡ଼ିଶା ଆଶାକର୍ମୀ ସଂଘର ସଭାପତି ରମଣୀ ରଞ୍ଜନ ରାଉତରାୟ, କେନ୍ଦ୍ରାପଡ଼ା ଜିଲା ସଂଘର ଉପସଭାପତି କାନ୍ତି ନାୟକ, ବ୍ଲକ ସଂଘର ସଭାପତି ଦମୟନ୍ତୀ କୁଣ୍ଡ, ବିପିଏମ୍ ଶ୍ରୀକାନ୍ତ ଦାସ, ନିରୂପମା ଦାସ, କବିତା ରାଉତ, ସୁକାନ୍ତୀ ମଲିକ, ଶାନ୍ତିଲତା ସାହୁ, ମିନତି ସାମଲ ପ୍ରମୁଖ ଯୋଗଦେଇ ଶିବାନୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ସେବା ମନୋବୃତିକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଅନ୍ୟ ବ୍ଲକର ଆଶାକର୍ମୀ ଯୋଗଦେଇଥିଲେ।

## ଏକାଧିକ ଅପରାଧରେ ଜଡ଼ିତ ଫେରାର ଅଭିଯୁକ୍ତ ଗିରଫ

ମାର୍ଶାଘାଇ,୨୮।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅଞ୍ଚଳରେ ଏକାଧିକ ଆପରାଧିକ ମାମଲାରେ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ମାଣତିର ଗାଁର ପ୍ରଭାତ ନାୟକ ଓରଫ ମିଟୁନା। ପୋଲିସ ସୂଚନା ଅନୁଯାୟୀ, ମିଟୁନାଙ୍କ ନାମରେ ମାର୍ଶାଘାଇ, ମହାକାଳପଡ଼ା, କେନ୍ଦ୍ରାପଡ଼ା ଟାଉନ ଓ ସଦର ଥାନାରେ ସଙ୍ଗୀନ ଦଫାରେ ୧୧ଟି ମାମଲା ରହିଛି। ଦୀର୍ଘଦିନ ହେବ ସେ ଫେରାର ଥିବାରୁ ପୋଲିସ ତଦନ୍ତ ଜାରି ରଖିଥିଲା। ଥାନାରେ ନଂ. ୧୧୬/୨୪ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ କହିଛନ୍ତି।

## ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗରେ ୩ ଗିରଫ

ମାର୍ଶାଘାଇ,୨୮।୧୦ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପାଟକୁରା ଥାନା ଅନ୍ତର୍ଗତ ଅନ୍ତେଇ ପଞ୍ଚାୟତ ସରପଞ୍ଚ ସଞ୍ଜୟ ସେଠୀଙ୍କୁ ରବିବାର ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୋମବାର ପାଟକୁରା ପୋଲିସ ୩ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଟକୁରା ଥାନା ଅନ୍ତର୍ଗତ ପାଇଲୋ ଗ୍ରାମର ସତ୍ୟପ୍ରକାଶ ସ୍ୱାଇଁ, ବିଶ୍ୱବିଜୟୀ ସ୍ୱାଇଁ ଓ ପ୍ରଭାସ ସାମନ୍ତରାୟ। ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି ବୋଲି ପୋଲିସ ସୂଚନା ଦେଇଛି।

## ଗଜା ଧାନ ଗଛ ଧରି କୃଷି କାର୍ଯ୍ୟାଳୟରେ ଚାଷୀ


 କ୍ଷତିଗ୍ରସ୍ତ ଚାଷୀ ଗଜା ଧାନ ଗଛ ଧରି ବ୍ଲକ କୃଷି କାର୍ଯ୍ୟାଳୟରେ ଅଭିଯୋଗ କରିବାକୁ ଆସିଛନ୍ତି।

ରାଜକନିକା,୨୮।୧୦(ସଞ୍ଜୟ କୁମାର ଦାଶ)

ବାତ୍ୟା ଦାନା ପ୍ରଭାବରେ ୩ ଧରି ଲଗାଣ ବର୍ଷା ଓ ପବନ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଚାଷୀ ମୁହଁରୁ ବର୍ଷକର ଦାନା ଛଡ଼ାଇ ନେଇଛି। ପାଣିରେ ଭାସୁଛି ଧାନ। ବାତ୍ୟା ଦାନା ପ୍ରଭାବରେ ପାଣିରେ ଧାନ ଗଛ ପଡ଼ି ଗଜା ହୋଇଯାଇଛି। ଏଭଳି ଦୃଶ୍ୟ ରାଜକନିକା ବ୍ଲକ ୨୯ ପଞ୍ଚାୟତର ୧୪ହଜାର ୫୫ ଶହ ହେକ୍ଟର ଜମିରେ ଚାଷ କରିଥିବା ଚାଷୀଙ୍କର। ଆଉ ଦିନ କେଇଟା ପରେ ଚାଷୀ ଅମଳ କରିଥାନ୍ତେ ତାର ସୁନାର ଫସଲ। ପରିବାର ପାଇଁ ରଖିଥାନ୍ତା ତା'ର ବର୍ଷକର ଦାନା। ହେଲେ ଏବେ କେମିତି ଚଳିବ ପରିବାର, କେମିତି ଶୁଝିବ କରଜ ଟଙ୍କା ଓ ପରିବାର ମୁହଁରେ ବର୍ଷକର ଦାନା କେଉଁଠୁ ଆଣି ଦେବେ ତାକୁ ନେଇ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ସୋମବାର ଦେଉଳତରା ପଞ୍ଚାୟତର କେତେଜଣ ଚାଷୀ ଓ ଅନେକ ଭାଗ ଚାଷୀ ଗଜା ଧାନ ଧରି ବ୍ଲ କୃଷି କାର୍ଯ୍ୟାଳୟରେ ପହଞ୍ଚି କ୍ଷତିପୂରଣ ଦାବି କରିଛନ୍ତି। ଏମାନେ ପାଖାପାଖି ୫ଶହ ଏକର ଜମିରେ ଧାନ ଚାଷ କରିଛନ୍ତି। ହେଲେ ଏବେ ପାଖାପାଖି ୨ଶହ ଏକର ଜମିରେ ଧାନ ଗଛ ପାଣିରେ ପଡ଼ି ଧାନ ଗଜା ହୋଇଯାଇଛି। ଚାଷୀ ରଙ୍ଗାଧର ମଲିକ ୫ ଏକର ଜମି ଚାଷ କରିଛନ୍ତି। ସେଥିମଧ୍ୟରୁ ୨ ଏକର ନିଜ ଜମି ଓ ୩ ଏକର ଭାଗ ଜମି, ଧନେଶ୍ୱର ମଲିକ ୫ ଏକର ଜମି, ରାଜକିଶୋର ମଲିକ ୧୦ ଏକର ଜମି ଭାଗ ଚାଷ କରିଛନ୍ତି। ରତିକାନ୍ତ ସାହୁ ଚାଷୀ ୭ ଏକର ନିଜ ଜମି, କ୍ଷୀରୋଦ କୁମାର ସାହୁ ୨ ଏକର, ନିର୍ମଳ ବିଶ୍ୱାଳ, ସୁବଳ ବିଶ୍ୱାଳ ୨ ଏକର , ରଞ୍ଜୀବ ଜେନା ୪ ଏକର ଚାଷ ଭାଗ ଚାଷ ଧାର କରଜ ଓ ଗାଁର ମହିଳା ସମିତିରୁ ସୁଧରେ ଆଣି ଏମାନେ ଧାନ ଚାଷ କରିଥିବା କହିଥିଲେ। ଏବେ କେମିତି ଋଣ ଶୁଝିବେ ଓ ଚଳିବେ ତାହାକୁ ନେଇ ଚିନ୍ତାରେ ଚାଷୀ ଓ ଭାଗ ଚାଷୀ ପରିବାର ପଡ଼ିଛନ୍ତି। ଏହି ପଞ୍ଚାୟତରେ ପାଖାପାଖି ୨ ଶହ ଏକର ଚାଷ ଜମି ବାତ୍ୟା ପ୍ରଭାବରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ବୋଲି ଚାଷୀ ମାନେ କହିଛନ୍ତି। ବିଲରେ ପାଣିରେ ରହିବାରୁ ଧାନ ଗଛ ପଡ଼ି ଗଜା ହୋଇଯାଇଛି। ଚାଷୀମାନେ କୃଷି କାର୍ଯ୍ୟାଳୟରେ ପହଞ୍ଚି କୃଷି ଅଧିକାରୀଙ୍କୁ ଗଜା ଧାନ ଗଛ ଗୁଡ଼ିକୁ ଦେଖାଇ ସରକାରୀ ସହାୟତା ପାଇଁ ଗୁହାରି କରିଥିଲେ। ଏ ନେଇ କୃଷି ଅଧିକାରୀ ରାଜଲକ୍ଷ୍ମୀ ସାହୁ କହିଛନ୍ତି ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ରିପୋର୍ଟ ପ୍ରସ୍ତୁତ ହେବ ଓ ସରକାରଙ୍କ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ।

## ଭାରତୀୟ ରେଡ଼କ୍ରସ୍ ସୋସାଇଟି ପକ୍ଷରୁ ବାତ୍ୟାବିପନ୍ନଙ୍କୁ ରିଲିଫ

ରାଜନଗର, ୨୮।୧୦(ଭାସ୍କର ରାଉତରାୟ)

ବାତ୍ୟା ଦାନା ପ୍ରଭାବରେ ରାଜନଗର ବ୍ଲକ୍‌ରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ପକ୍ଷରୁ ଅଧିକ ପ୍ରଭାବିତ ହୋଇଥିବା ଭେକ୍ଟା, ରଙ୍ଗଣୀ, ଡାଙ୍ଗମାଳ, ନଳିତାପାଟିଆ ଆଦି ସ୍ଥାନରେ ୫୫୦ ପରିବାରକୁ ଖାଦ୍ୟ ପୁଡ଼ିଆ ବଣ୍ଟନ କରାଯାଇଛି। ୟୁଥ୍ ରେଡ୍‌କ୍ରସ୍‌ର ନିକିରାଇ କଲେଜର କାଉନସିଲର ହିମାଂଶୁ ପରିଡ଼ା, ରାଜନଗରର ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ୍ କାଉନସିଲର ଅଧ୍ୟାପିକା ରାଜଶ୍ରୀ ସାମଲ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ୍‌ର କାଉନସିଲର ବିକାଶ ନାୟକ, ପଟ୍ଟାମୁଣ୍ଡାଇ କଲେଜର ୟୁଥ୍ ରେଡ୍‌କ୍ରସ୍ କାଉନସିଲର ସରୋଜକାନ୍ତ ନାୟକ, ଜିଲା ସଂଯୋଜକ ରତ୍ନାକର ସେଠୀ, ରାଜନଗର କଲେଜର ଅଧ୍ୟକ୍ଷ ପ୍ରଣୟ କୁମାର ବେହେରା, ରାଜନଗର ବିଇଓ ମନୋରଞ୍ଜନ ସେଠୀ ପ୍ରମୁଖ ବାତ୍ୟା ଅଞ୍ଚଳରେ ପହଞ୍ଚି ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରିଥିଲେ।



## ୫୬ ଅଭିଯୋଗରୁ ସାମୂହିକ ୬



ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଲୋକମାନେ ଅଭିଯୋଗ କରୁଛନ୍ତି।

ଡେରାବିଶ,୨୮।୧୦ (ବେବର୍ତ୍ତା ଅଜୟ ଦାସ)

**ଜିଲାପାଳଙ୍କ ଯୁଗ୍ମ ଶୁଣାଣି**

ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଏସ୍‌ପି ସିଦ୍ଧାର୍ଥ କଟାରିଆ ଯୋଗଦେଇ ୫୬ ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିମଧ୍ୟରୁ ୬ଟି ଅଭିଯୋଗ ସାମୂହିକ ଥିବାବେଳେ ଅବଶିଷ୍ଟ ୫୦ଟି ବ୍ୟକ୍ତିଗତ ଥିଲା। ଏହି ଅଭିଯୋଗ ମଧ୍ୟରେ ରାଶନ କାର୍ଡ, ଆବାସ ଓ ବିଭିନ୍ନ ଭତ୍ତା ଯୋଜନା ପାଇଁ ଅଧିକ ସଂଖ୍ୟାରେ ଅଭିଯୋଗ ରହିଥିଲା। ଅନ୍ୟପକ୍ଷରେ ସାମୂହିକ ଅଭିଯୋଗ ମଧ୍ୟରେ କୁଶିଆପାଳ ପଞ୍ଚାୟତର ଓ୍ୱାର୍ଡ ନଂ. ୧୩ରେ ରହିଥିବା ବିଭିନ୍ନ ସମସ୍ୟା, ଗୋଲରାହାଟ ପଞ୍ଚାୟତ ଅଧୀନ ଦୁମୁକା ଗ୍ରାମରେ ଜନୈକ ଲୋକ ବ୍ୟକ୍ତିଗତ ଜମିରେ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇ ହୋଇଥିବା ରାସ୍ତା କାମ ବିରୋଧରେ, ପଲେଇ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ ହେବା ଦାବି ଏବଂ ବାଲିଆ ପଞ୍ଚାୟତ ମାଣିଖଣ୍ଡିରେ ଥିବା ସରକାରୀ ଜମିକୁ ଦଖଲ କରିଥିବା ଲୋକାଙ୍କୁ ଜବରଦଖଲ ଉଚ୍ଛେଦ ଇତ୍ୟାଦି ଦାବି ନେଇ ଅଭିଯୋଗ ରହିଥିଲା। ଏହି ଅବସରରେ କାଉପଡ଼ା ପଞ୍ଚାୟତ ଅଧୀନ ବାଘିଲୋବାବନପୁର ଗ୍ରାମର ପକ୍ଷାଘାତ ପୀଡିତ ରଞ୍ଜନ କୁମାର ବାରିକଙ୍କୁ ଏବଂ ଉକ୍ତ ପଞ୍ଚାୟତର ପରବାରୀ ଗ୍ରାମର ଗରିବ ବେଣୁଧର ରାଉତଙ୍କ ଅସୁସ୍ଥ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ଜିଲା ରେଡକ୍ରସ ପାଣ୍ଠିରୁ ଯଥାକ୍ରମେ ୩ ହଜାର ଓ ୧୦ ହଜାର ଟଙ୍କାର ସହାୟତା ରାଶି ଜିଲାପାଳ ପ୍ରଦାନ କରିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ସହକାରୀ ଜିଲାପାଳ ପଲ୍ଲବୀ ପ୍ରିୟଦର୍ଶନୀ, ବିଡିଓ ଅନିରୁଦ୍ଧ ବେହେରା, ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲିକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ କୁମାର ରାୟ, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଏଲଡିଏମ୍ ମନୋଜ କୁମାର ପ୍ରଧାନୀ, ଜିଲା ମଙ୍ଗଳ ଅଧିକାରୀ ମନୋରମା ସ୍ୱାଇଁ ଓ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗଗୁଡ଼ିକ ଗ୍ରହଣ କରିଥିଲେ।

## ଉତିକଣ ଅଞ୍ଚଳର କ୍ଷେତକୁ ଜଳ ଯୋଗାଣ ପ୍ରତିଶ୍ରୁତିକୁ ଅଣଦେଖା

ପଟ୍ଟାମୁଣ୍ଡାଇ, ୨୮।୧୦(କଳ୍ପତରୁ ନାୟକ)


ଗୋବରୀ କେନାଲର ପାଣି ଚାଷ ଜମିକୁ ଯାଉନାହିଁ।


ଉତିକଣ ଅଞ୍ଚଳର ଧାନ ଗଛ ପବନରେ ଶୋଇ ପଡ଼ିଛି।

କେନ୍ଦ୍ରାପଡ଼ା ଜିଲାର ଭାତହାଣ୍ଡି କୁହାଯାଉଥିବା ପଟ୍ଟାମୁଣ୍ଡାଇ ଉତିକଣ ଅଞ୍ଚଳର ଅଧିକାଂଶ ଚାଷଜମିକୁ ଜଳ ପରିଚାଳନା ହୋଇପାରୁ ନ ଥିବାରୁ ଚାଷୀମାନେ ଆବଶ୍ୟକ ସମୟରେ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ଅଧିକାଂଶ କ୍ଷେତ ପଡ଼ିଆ ପଡୁଥିବାବେଳେ ଚାଷୀ ଚାଷ ପ୍ରତି ବିମୁଖ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏହାକୁ ନେଇ ଗତ ନିର୍ବାଚନ ବେଳେ ନେତାମାନେ ବ୍ରାହ୍ମଣୀନଦୀରେ ମେଗା ଲିଫ୍ଟ ନିର୍ମାଣ କରାଇ ଉତିକଣ ଅଞ୍ଚଳକୁ ୧୨ ମାସ ଜଳଯୋଗାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ବିଶେଷକରି ଚାଷୀମାନଙ୍କ ଜଳସେଚନ ସମସ୍ୟାର ସମାଧାନ ପାଇଁ ନେତାମାନେ କ'ଣ କରିପାରିବେ ତାକୁ ନେଇ ଆଲୋଚନା ଜୋର ଧରିଛି।

କୃଷକ ନେତା ବିଜୟ ଦାସ କହିଛନ୍ତି, ଚାଷ ଓ ଚାଷୀଙ୍କ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରି ଅର୍ଥ ବ୍ୟୟ କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ ଠିକ୍ ଆକଳନରେ କେନାଲ ନବୀକରଣ ଓ ଉନ୍ନତୀକରଣ ହେଉ ନ ଥିବାରୁ ଜଳସେଚନ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହଜାର ହଜାର ଏକର ଜମି ପଡ଼ିଆ ପଡୁଥିବା ବେଳେ ଅନେକ ଫସଲ ନଷ୍ଟ ହେଉଛି। ଏହି ଅଞ୍ଚଳର ଅଧିବାସୀମାନଙ୍କ ମୁଖ୍ୟ ବେଉସା ହେଉଛି ଧାନ, ବିରି, ମୁଗ, ନଳିତା ଓ ପନିପରିବା ଚାଷ। ଏ ନେଇ ପଟ୍ଟାମୁଣ୍ଡାଇ କେନାଲରୁ ଗୋବରୀ କେନାଲ ଦେଇ ୧୭ ଟି ଶାଖା କେନାଲରେ ଉତିକଣ ଭେଡ଼ାକୁ ଜଳସେଚିତ ହୋଇଥାଏ। ୨ ଦଶନ୍ଧି ପୂର୍ବରୁ ଏହି କେନାଲରେ ୧୨ ମାସ ପାଣି ରହିବା ସହ ଉତିକଣ ଅଞ୍ଚଳରେ ୩ ଫସଲି ଚାଷ ହେଉଥିଲା। ଲୋକେ ଶାରଦ ଫସଲକୁ ନିଜ ପାଇଁ ରଖି ଡାଲୁଅ ଧାନ ଓ ଅନ୍ୟ ଫସଲ ବିକ୍ରି କରୁଥିଲେ। ମାତ୍ର ଏବେ ବର୍ଷାଦିନେ ଜମିରେ ପାଣି ପହଞ୍ଚି ପାରୁ ନ ଥିବାରୁ ଚାଷୀଙ୍କ ଆଶା ମଉଳି ଯାଉଛି। କିଛିଦିନ ତଳେ କେନାଲରେ ପାଣି ନ ଥିବାରୁ ବିଲ ଫାଟି ଆଁ କରିଥିଲା। ବାତ୍ୟା ଦାନା ପ୍ରଭାବରେ ଲଗାଣ ବର୍ଷା ହେବାରୁ ଚାଷ ଜମିରେ ପାଣି ରହିଛି। ଅନ୍ୟପକ୍ଷରେ ଡ୍ରେନେଜ ସୁବିଧା ନ ଥିବାରୁ ଜଳ ନିଷ୍କାସନରେ ମଧ୍ୟ ବାଧା ଉପୁଜୁଛି। ମାତ୍ର ଚାଷ ଉପରେ ନିର୍ଭରଶୀଳ ଲୋକଙ୍କ ଲାଗି ଜଳସେଚନ, ଜଳ ନିଷ୍କାସନ ପାଇଁ ନେତାମାନେ ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ସରକାର ସ୍ତରରେ ଏ ପର୍ଯ୍ୟନ୍ତ ସେଭଳିକିଛି ଆଖିଦୃଶିଆ କାର୍ଯ୍ୟ ହେଉ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଚାଷୀ ସୁରେନ୍ଦ୍ର ପରିଡ଼ା କହିଛନ୍ତି, କେନାଲ ଅଛି ସତ ହେଲେ ପାଣି ଆସୁନାହିଁ। କେନାଲ ବର୍ଷକୁ ଦୁଇ ଥର ମରାମତି ହେଉଛି। ଟଙ୍କା ବି ଖର୍ଚ୍ଚ ହେଉଛି। କିନ୍ତୁ ବର୍ଷା ଦିନରେ କେବଳ କେନାଲରେ ପାଣି ଆସୁଥିବା ବେଳେ ମହାବାତ୍ୟା ପରଠାରୁ ଖରାଦିନିଆ ପାଣି ଚାଷୀମାନଙ୍କ ପାଇଁ ସାତସପନ ହୋଇଛି। ବାହାର ରାଜ୍ୟର ପନିପରିବା ଚଢ଼ା ଦରରେ ବିକ୍ରି ହେଉଥିବା ବେଳେ ଶୀତଳଭଣ୍ଡାର ନ ଥିବା ହେତୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି। ଏ ଦିଗରେ ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ଜନପ୍ରତିନିଧିଙ୍କ ଆନ୍ତରିକତା ନ ଥିବା ଭଳି ମନେହେଉଛି। ନିର୍ବାଚନ ଆସେ ଆଉ ଯାଏ, କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଏ। ଦାଶରଥି ଦାସ କହିଛନ୍ତି, ଜଳସେଚନ ପାଇଁ ସମସ୍ତ ଭିତ୍ତିଭୂମି ଥାଇ ମଧ୍ୟ ଚାଷୀମାନଙ୍କ ଚାଷ ଜମି ଅନେକ ସମୟରେ ମରୁଡ଼ିର ସମ୍ମୁଖୀନ ହେଉଛି। ଚାଷୀ ପାଣି ନ ପାଇ ବି ଜଳକର ଦେବାକୁ ବାଧ୍ୟ ହେଉଛନ୍ତି। ସେହିପରି ସାଧାରଣ ନିର୍ବାଚନ-୨୦୨୪ରେ ନେତାମାନେ ଦେଇଥିବା ମେଗା ଜଳସେଚନ, ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଇ ଚାଷ ଜମି ଜଳସେଚନ କରିବା ପାଇଁ ଦେଇଥିବା ପ୍ରତିଶ୍ରୁତିର ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ତେବେ ରାଜ୍ୟ ସରକାର ପ୍ରତି ବ୍ଲକରେ ୩୫ ପ୍ରତିଶତ ଚାଷଜମିକୁ ଜଳସେଚନ କରିବା ପାଇଁ ୨ ଦଶନ୍ଧି ତଳେ ଲକ୍ଷ୍ୟ ରଖିଥିବାବେଳେ ତାହା ବିରୋଧୀ କି ଶାସକ ଦଳ ପୂରଣ କରାଇବାରେ ଅନିଶ୍ଚିତତା ଦେଖାଦେଇଛି।

# ଏଯାଏ ଶୁଖିନି ମହାବାତ୍ୟାର କ୍ଷତ



ଏରସମାରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବାତ୍ୟା ଆଶ୍ରୟସ୍ଥଳ।

ଏରସମା,୨୮।୧୦(ଦୀପ୍ତି ଖଣ୍ଡୁଆଳ)

ମହାବାତ୍ୟାକୁ ଇତିମଧ୍ୟରେ ୨୫ ବର୍ଷ ପୂରିଥିଲେ ମଧ୍ୟ ଏବେବି ସେଦିନ କଥା ମନେପଡ଼ିଲେ ଲୋମ ଟାଙ୍କୁରି ଉଠେ। ସମୁଦ୍ର ଉପକୂଳ ଅଞ୍ଚଳର ଲୋକେ ଧାନ, ମୀନ ଓ ପାନ ଆଦି ଚାଷ କରି ଜୀବନ ଅତିବାହିତ କରୁଥିଲେ। ୧୯୯୯ ଅକ୍ଟୋବର ୨୯ରେ ପ୍ରକୃତି ଭୟଙ୍କର ରୂପ ନେଇଥିଲା। ପବନର ବେଗ ପ୍ରଚଣ୍ଡ ରୂପ ନେଇଥିଲା। ସମୁଦ୍ରରୁ ଉଠି ଆସିଥିଲା ୩୦ ଫୁଟର ଉଚ୍ଚ ଲୁଣା ଜୁଆର। ସେହି ଭୟଙ୍କର ରାତି ପାହିଲା ବେଳକୁ ସବୁ କିଛି ଛାରଖାର ହୋଇଯାଇଥିଲା। ଏରସମାର ଭୌଗୋଳିକ ଚିତ୍ର ବଦଳି ଯାଇଥିଲା। ମାଟିରେ ଅନେକ ମହାଦ୍ରୁମ ଲୋଟିଯାଇଥିଲା। ଗାଁ, ଗଣ୍ଡା ଘରଦ୍ୱାର ନିଶ୍ଚିହ୍ନ ହୋଇଯାଇଥିଲା। ଉପୁଡି ପଡ଼ିଥିବା ଗଛଡାଳରେ ବହୁ ମନୁଷ୍ୟ ଓ ପଶୁପକ୍ଷୀଙ୍କ ମୃତଦେହ ଲାଗିଯାଇଥିଲା। ଏହି ମହାବିଭୀଷିକା ଏରସମା ବିପର୍ଯ୍ୟୟ ଇତିହାସରେ ବିରଳ ଅଧ୍ୟାୟ ହୋଇ ରହିଯାଇଛି। ଇତିମଧ୍ୟରେ ବିନାଶ ଭିତରୁ ବିକାଶର ସୂତ୍ରପାତ ହୋଇଛି। ମହାବାତ୍ୟାର ଧ୍ୱଂସସ୍ତୂପରୁ ଜନ୍ମ ନେଇଛି ନୂତନ ଏରସମା। ୨୫ ବର୍ଷ ପରେ ମଧ୍ୟ ଏରସମାବାସୀଙ୍କ ସ୍ମୃତିପଟରୁ ସେହି କାଳରାତ୍ରିର ଅନୁଭୂତି ଲିଭିନାହିଁ।

## ଏମାନେ ଯାହା କୁହନ୍ତି...

### ମିଳିନାହିଁ ମହାବାତ୍ୟା କ୍ଷତିପୂରଣ



ମହାବାତ୍ୟା ମୃତକଙ୍କ ପରିବାର ପାଇବାକୁ ଥିବା କ୍ଷତିପୂରଣ, ଅନୁକମ୍ପା ସହାୟତା ଫାଇଲରେ ଡୋରି ବନ୍ଧା ହୋଇଯାଇଛି। ସରକାରଙ୍କ ଘୋଷଣା ଅନୁସାରେ, ୧୯୯୯ ଅକ୍ଟୋବର ୨୯ରେ ମୃତ୍ୟୁ ଘଟିଥିବା ପରିବାରକୁ ଅନୁକମ୍ପା ସହାୟତା ଦିଆଯାଇଛି। ତେବେ ୨୯ ପରେ ମହାବାତ୍ୟା ପ୍ରଭାବରେ ମୃତ୍ୟୁ ଘଟିଥିବା ପରିବାରକୁ କ୍ଷତିପୂରଣ ମିଳି ନଥିବା ଅଭିଯୋଗ ଏବେବି ଶୁଣିବାକୁ ମିଳୁଛି। ଘର ଭାସି ଯାଇଥିବା ପରିବାରକୁ ଏବେବି ଥଇଥାନ କରିବା ଉଦ୍ଦେଶ୍ୟରେ କଚ୍ଚାଘର ବଦଳରେ ପକ୍କା ଘର ଦିଆଯାଇପାରି ନ ଥିବା ଅଭିଯୋଗ ହେଉଛି। ୨୫ ବର୍ଷ ତଳେ ବିଭିନ୍ନ ଦାତବ୍ୟ ଅନୁଷ୍ଠାନ ଓ ସରକାର ଯେଉଁ ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିଥିଲେ, ତାହା ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ଅବସ୍ଥାରେ ରହିଛି।

- ରଞ୍ଜନ କୁମାର ଜେଠୀ ସରପଞ୍ଚ, ଆମ୍ବିକି ପଞ୍ଚାୟତ

### ଲୁଣା ଜୁଆର ଆତଙ୍କିତ କରୁଛି



ସିଆଳି ସମୁଦ୍ର ବେଳାଭୂମିରେ ଏ ପର୍ଯ୍ୟନ୍ତ ପଥରବନ୍ଧ ନିର୍ମାଣ କରାଯାଇ ନାହିଁ। ବାତ୍ୟା ଆସିଲେ ଏରସମାବାସୀ ଲୁଣା ଜୁଆର ଭୟରେ ଏବେବି ଆତଙ୍କିତ ହେଉଛନ୍ତି। ସିଆଳିରେ ନିର୍ମାଣ କରାଯାଇଥିବା ଭ୍ୟୁ ଟାୱାର ସମୁଦ୍ର ଗର୍ଭରେ ଧ୍ୱଂସ ହେବା ତାର ପ୍ରକୃଷ୍ଟ ଉଦାହରଣ। ଏଥିସହ ଉପକୂଳ ଜଙ୍ଗଲ ଏବେବି ଅସୁରକ୍ଷିତ ହୋଇପଡିଛି। ଲୁଣା ଜୁଆର ମାଡ଼ରେ ଏହା କ୍ଷୟ ହେବାରେ ଲାଗିଛି। ସେଥିପ୍ରତି ସରକାର ବିଶେଷ ଧ୍ୟାନ ଦେଇ ପଦକ୍ଷେପ ନେବା ଆବଶ୍ୟକ।

- ଗଣେଶ ଗିରି, ଯୁଣଗରି ଗ୍ରାମ

# ହାରିନାହାନ୍ତି ଶଙ୍କର ନନା

ପାରାଦୀପ,୨୮।୧୦(ଶରତ ରାଉତ)

## ଭାସି ଯାଇଥିଲେ ସ୍ତ୍ରୀ ଓ ୪ ସନ୍ତାନ



ଓଡ଼ିଶାର ସବୁଠାରୁ ବଡ଼ ବାତ୍ୟା କୁହାଯାଉଥିବା ୧୯୯୯ ମହାବାତ୍ୟାକୁ ମଙ୍ଗଳବାର ୨୫ ବର୍ଷ ପୂରିଛି। ଏହି ୨୫ ବର୍ଷ ମଧ୍ୟରେ ଉପକୂଳ ଓଡ଼ିଶାରେ ୧୧ ଥର ବାତ୍ୟା ହେଲାଣି। ସେଗୁଡିକ ହେଲା ୨୦୧୩ରେ ଫାଇଲିନ୍, ୨୦୧୪ ହୁଡ୍‌ହୁଡ୍, ୨୦୧୬ ତିତ୍‌ଲି, ୨୦୧୮ ଡାଏ, ୨୦୧୯ ଫନି ଓ ବୁଲ୍‌ବୁଲ୍, ୨୦୨୦ ଅମ୍ଫାନ, ୨୦୨୧ ଗୁଲାବ ଓ ୟାସ୍, ୨୦୨୨ ଆସାନି ଏବଂ ୨୦୨୪ର ଦାନା। କିନ୍ତୁ ମହାବାତ୍ୟା ଭଳି ବିପର୍ଯ୍ୟୟ ଏପର୍ଯ୍ୟନ୍ତ ଓଡ଼ିଶାରେ ଘଟିନାହିଁ। ୧୯୯୯ ଅକ୍ଟୋବର ୨୯ରେ ଯେଉଁ ପ୍ରଳୟ ପାରାଦୀପ ଓ ଏରସମା ଅଞ୍ଚଳରେ ଘଟିଥିଲା, ସେଥିରେ ୭୫୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ବୋଲି ସରକାରୀ ଭାବେ ଦର୍ଶାଯାଇଛି। କିନ୍ତୁ ନିଖୋଜଙ୍କ ସଂଖ୍ୟା ଓ ବାସ୍ତବ ଆକଳନ କଲେ ଏହି ମୃତ୍ୟୁସଂଖ୍ୟା ୧୦ ହଜାରରୁ ଅଧିକ ବୋଲି କୁହାଯାଉଛି। ମହାବାତ୍ୟା ସମୟରେ ଯେଉଁମାନେ ନିଜ ସମ୍ପର୍କୀୟମାନଙ୍କୁ ହରାଇଥିଲେ, ସେମାନେ ଏବେବି ଅକ୍ଟୋବର ମାସ ଆସିଲେ ନିଜ ମଧ୍ୟରେ ଗୁମୁରି ଗୁମୁରି କାନ୍ଦୁଛନ୍ତି।

ସେମିତି ଜଣେ ବ୍ୟକ୍ତି ହେଲେ ପାରାଦୀପର ଶଙ୍କର ନନା। ପୂରା ନାମ ଶଙ୍କର୍ଷଣ ମିଶ୍ର(୬୪)। ପୈତୃକ ଗ୍ରାମ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମଡୋ ଗାଁରେ। ପାରାଦୀପ ମଧୁବନସ୍ଥିତ ଜଗନ୍ନାଥ ମନ୍ଦିରରେ ତାଙ୍କ ବାପା ପୂଜକ ଭାବେ ରହୁଥିଲେ। ଶଙ୍କର ନନା ମଧ୍ୟ କୌଳିକ ବୃତ୍ତି ଶିଖି ଯଜମାନ କାମ ଆରମ୍ଭ କରିଦେଇଥିଲେ। ସେ ଶିବ ମନ୍ଦିର ପୂଜକ ହେବା ସହ ଯଜମାନ କାମ କରନ୍ତି। ମହାବାତ୍ୟା ସମୟରେ ତାଙ୍କର ପୂର୍ଣ୍ଣାଙ୍ଗ ପରିବାର ଥିଲା। ମା'ବାପାଙ୍କ ସହ ସ୍ତ୍ରୀ ଗୌରୀ, ୪ ଝିଅ ଓ ବର୍ଷକର ପୁଅ ଥିଲା। ମହାବାତ୍ୟାରେ ଶଙ୍କର ନନା ଓ ତାଙ୍କ ବାପା ଭଗବାନ ମିଶ୍ର ପୂଜା କରିବାକୁ ଯାଇ ବର୍ତ୍ତି ଯାଇଥିଲେ, କିନ୍ତୁ ପରିବାରର ଅନ୍ୟ ୫ ଜଣ ବାତ୍ୟାରେ ଭାସି ଯାଇଥିଲେ। ଏପର୍ଯ୍ୟନ୍ତ ସେମାନଙ୍କ ସନ୍ଧାନ ମିଳିନାହିଁ ବୋଲି ଶଙ୍କର ନନା କୁହନ୍ତି। ମହାବାତ୍ୟା ସମ୍ପର୍କରେ ସେ କୁହନ୍ତି, ସେତେବେଳେ କାର୍ତ୍ତିକ ମାସ। ମନ୍ଦିର ଧୁଆଧୋଇ ଓ ନୀତିକାନ୍ତି ପାଇଁ ରାତି ୪ଟାରୁ ଶଙ୍କର ନନା ଓ ତାଙ୍କ ବାପା ମନ୍ଦିର ପଳାଇ ଆସିଥିଲେ। ଏହି ସମୟରେ ମନ୍ଦିର ବେଢ଼ା ପଛପଟେ ଥିବା ଝୁମ୍ପୁଡି ଘରେ ସ୍ତ୍ରୀ, ୩ ଝିଅ ଓ ପୁଅ ସହ ୫ ଜଣ ଥିଲେ। ମା'ସେତେବେଳେ ଚାନ୍ଦବାଲି ଗାଁକୁ ଯାଇଥିଲେ। ସକାଳ ପ୍ରାୟ ୬ଟା ୩୦ ବେଳକୁ ବର୍ଷା, ପବନ ସହ ପାଣି ମାଡ଼ି ଆସିଥିଲା। ସ୍ଥିତି ଏପରି ହୋଇଥିଲା ଯେ ଶଙ୍କର ନନାଙ୍କ ପାଖରେ ଥିବା ବାପା ମଧ୍ୟ ପହଞ୍ଚି ପାରି ନ ଥିଲେ। ଶିବ ମନ୍ଦିର ଭିତରେ ପାଣି ପଶି ଯାଇଥିଲା। ଯେଉଁଠି ପାର୍ବତୀ ମୂର୍ତ୍ତି ରହିଛି ତା' ପାଖରେ ଗୋଟିଏ ଗୋଡ଼ ସାହାଯ୍ୟରେ ଠିଆ ହୋଇ ଶଙ୍କର ନନା ୭୨ ଘଣ୍ଟା ବିତାଇଥିଲେ। ୩ ଦିନ ପରେ ଜଣେ ବ୍ୟକ୍ତି କିଛି ଖେଚୁଡ଼ି ଆଣି ଖାଇବାକୁ ଦେଇଥିଲେ। ଏହାପରେ ସେଠାରୁ ବହୁ କଷ୍ଟରେ ବାହାରି ଶଙ୍କର ଘରକୁ ଯାଇଥିଲେ, ମାତ୍ର ସେତେବେଳକୁ କିଛି ନଥିଲା। ଘର କି ପରିବାର କିଛି ନ ଥିଲା। ପାଖରେ ଥିବା ଝୁମ୍ପୁଡି ଘର ଭାସି ଯାଇଥିଲା। ସେଥିରେ କେତେଜଣଙ୍କ ମୃତଦେହ ମିଳିଥିଲା। କିନ୍ତୁ ଶଙ୍କର ନନା ପରିବାର ଲୋକଙ୍କ ମୃତଦେହ ଏପର୍ଯ୍ୟନ୍ତ ପାଇ ନଥିବା କହିଛନ୍ତି। ସେହି ଲୋମଟାଙ୍କୁରା ଘଟଣା ମନେପଡିଲେ ଏବେବି ଭୟ ସୃଷ୍ଟି ହୁଏ। ବାତ୍ୟା ପରେ ପରିବାର ଆତ୍ମୀୟ ସ୍ୱଜନଙ୍କ କଥାରେ ଦ୍ୱିତୀୟ ବିବାହ କରିଥିଲି। ୩ ଝିଅ ଓ ଗୋଟିଏ ପୁଅକୁ ନେଇ ସଂସାର ଚାଲିଛି। ସେହି ବାତ୍ୟାରେ ୩ ଝିଅ ଓ ଗୋଟିଏ ପୁଅ ହରାଇଥିଲି। ପ୍ରଭୁ ମୋତେ ପୁଣି ସେମିତି ଫେରେଇଛନ୍ତି। ସେପରି ଦୁଃଖ ଆଉ କାହା ଜୀବନରେ ନ ଆସୁ ବୋଲି ସେ କୁହନ୍ତି।

# ଆଖି ଆଗରେ ୧୨ ଜଣ ସମୁଦ୍ରରେ ଭାସିଗଲେ





ସମୁଦ୍ର କୂଳ ଲୁଣା ହେନ୍ତାଳବଣ ସଂଲଗ୍ନ ସାନ୍ତାଳିପଡ଼ା ପାଣିଖିଆ ଗାଁ ଚିତ୍ର ବଦଳିନି ଏବଂ ଜଙ୍ଗଲିଆ ଗଳିଆ ରାସ୍ତା।

ମହାକାଳପଡ଼ା, ୨୮।୧୦(ପ୍ରତାପ ଚନ୍ଦ୍ର ସ୍ୱାଇଁ)

## ମହାବାତ୍ୟାକୁ ୨୫ ବର୍ଷ ପୂରିଲା

- ସାନ୍ତାଳିପଡ଼ା ପାଣିଖିଆ ଗାଁର ଚିତ୍ର

୨୫ ବର୍ଷ ପୂର୍ବେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା ମହାବାତ୍ୟା। ଉପକୂଳ ଅଞ୍ଚଳକୁ ଛାରଖାର କରିଦେଇଥିଲା। ସେହି ଅକ୍ଟୋବର ମାସ ଶୁକ୍ରବାର ଥିଲା କାଳରାତ୍ରି। ମହାବାତ୍ୟାରେ ପରିବାରରେ ଭାଇଭାଇ, ଭଉଣୀଭାଇ, ବାପପୁଅ, ସ୍ତ୍ରୀସ୍ୱାମୀଙ୍କୁ ଅଲଗାକରି କେଉଁ ଅଜଣା ରାଇଜକୁ ସମୁଦ୍ର ଉଚ୍ଚ ତରଙ୍ଗ ଭସାଇ ନେଇଥିଲା। କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଅବହେଳିତ ଗାଁ ମହାକାଳପଡ଼ା ବ୍ଲକ୍ ଅଧୀନ ସମୁଦ୍ରଠାରୁ ୧ କି.ମି. ଦୂରରେ ପାଣିଖିଆ ସାନ୍ତାଳିପଡ଼ା। ପଡ଼ାରେ ୫୦ ପରିବାରରେ ୩ଶହରୁ ଅଧିକ ଲୋକ ବସବାସ କରନ୍ତି। ଏବେ ବି ଗାଁ ଲୋକେ ସରକାରୀ ଯୋଜନାରୁ ବଞ୍ଚିତ। ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ବହୁ ଦୂରରେ। ଗୁରୁତର ରୋଗୀକୁ ଭାରରେ ୧ କି.ମି. ଦୂରରେ ଆମ୍ବୁଲାନ୍ସକୁ ଯାଇ ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥାନ୍ତି। ଆଜି ବି ଦାରିଦ୍ର୍ୟର ତାଡ଼ନାରେ ଗରିବ ଖଟିଖିଆ କୃଷକ ମୂଲିଆ ଆଦିବାସୀ ସାନ୍ତାଳୀମାନେ ପରିବାର ଚଳାଇବା ପାଇଁ ୬୦ରୁ ଅଧିକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି। ଅପରପକ୍ଷରେ ମହାବାତ୍ୟାରେ ଏହି ସାନ୍ତାଳୀପଡ଼ାର ୧୨ଜଣ ଆଗ ପଛ କରି ସମୁଦ୍ରରେ ଭାସିଯାଇଥିଲେ। ସେଦିନର ସାମୁଦ୍ରିକ ବାତ୍ୟା ଏବେ ବି ଭୁଲିପାରିନାହାନ୍ତି ପାଣିଖିଆ ସାନ୍ତାଳୀପଡ଼ାବାସୀ। ଗାଁର ମୁରବି କହିଛନ୍ତି, ଗାଁର ପୂର୍ବରେ ବଙ୍ଗୋପସାଗର, ଉତ୍ତରରେ ହେନ୍ତାଳବଣ। ହେଲେ ଗାଁକୁ ମାଡ଼ି ଆସିଲା ସମୁଦ୍ର ଉଚ୍ଚ ଜୁଆର। କିଛି ସମୟ ମଧ୍ୟରେ ଏକ ଚାଳ ଛପର ଆଶ୍ରୟ ନେଇଥିବା ଗାଁର ଲୋକଙ୍କ ମଧ୍ୟରୁ ୭ ପିଲା, ୩ ମହିଳା ଓ ୨ ବୃଦ୍ଧଙ୍କୁ ଆଖି ଆଗରେ ସମୁଦ୍ର ପ୍ରବଳ ସ୍ରୋତରେ ଭସାଇ ନେଇଥିଲା।

ଗାଁର ବରିଷ୍ଠ ମୁରବି ସୁନା ଟୁଡୁ, ଗୁରୁଭା ହାଁସଦା, ସୁନା ମାରାଣ୍ଡି, ପୂର୍ଣ୍ଣଚନ୍ଦ୍ର ଟୁଡୁ, ଗଜେନ୍ଦ୍ର ମାରାଣ୍ଡି, ରମେଶ ମାରାଣ୍ଡି, ନୁଗୁର ସୋରେନ, ଲବ ମାରାଣ୍ଡି, ଚରଣ ଟୁଡୁ ପ୍ରମୁଖ ନିଜ ଅନୁଭୂତି ସମ୍ପର୍କରେ କହିଛନ୍ତି, ୧୯୯୯ ଅକ୍ଟୋବର ୨୯ ଶୁକ୍ରବାର ଅପରାହ୍ନରେ ସମୁଦ୍ରର ଜଳ ପତ୍ତନ ବୃଦ୍ଧି ପାଇବାରେ ଲାଗିଲା। ଚାହୁଁ ଚାହୁଁ ସନ୍ଧ୍ୟା ବେଳକୁ ବେଳ ବାତ୍ୟା ପବନ ସାଙ୍ଗକୁ କିଟିମିଟି ଅନ୍ଧାରରେ ସାନ୍ତାଳୀମାନଙ୍କ ଅଧିଷ୍ଠାତ୍ରୀ ଦେବୀ ମାରାଙ୍ଗ ବୁରୁଙ୍କୁ ସ୍ମରଣ କରିଥାଉ। ତେବେ ହଠାତ୍ ସମୁଦ୍ରର ୧୦ ଫୁଟ ଉଚ୍ଚ ଲହଡ଼ି ଆସିବାରୁ ହାତ ଧରାଧରି ହୋଇ ଚାଳ ଉପରକୁ ଉଠିଥିଲୁ। ପୂର୍ବ ଦିଗରୁ ପ୍ରବଳ ପବନ ବହିବାରୁ ସମସ୍ତଙ୍କ ହାତ ବାହାରିଗଲା। ଆମ୍ଭ ଆଖି ଆଗରେ ଜଣ ଜଣ କରି ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରି ଉଠିଲେ। ସେତେ ବେଳକୁ ସମୁଦ୍ର କରାଳ ରୂପରେ ଢେଉ ମାଡ଼ରେ ଛିନ୍ନଛତ୍ର ହୋଇ ଜଣ ଜଣ କରି ସମୁଦ୍ରର ଭସାଇ ନେଇଗଲା। ସେତେ ବେଳର କରାଳ ବିଭୀଷିକା ଖୁବ୍ ହୃଦୟ ବିଦାରକ ଥିଲା। ମହାବାତ୍ୟା ପରେ ଏହି ଗାଁକୁ ସବୁଦିନିଆ ରାସ୍ତା ନାହିଁ। ଫଳରେ ଲୋକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଗାଁକୁ ଲାଗି ରହିଛି ହେନ୍ତାଳବଣ। ସେହିପରି ମହାବାତ୍ୟାରେ ବ୍ଲକ୍‌ର ସର୍ବାଗ୍ରେ ତେନ୍ତୁଳିକନ୍ଧା ଗ୍ରାମର ୨୫ ଜଣ ସାମୁଦ୍ରିକ ଢ଼େଉରେ ଭାସିଯାଇଥିଲେ। ବ୍ଲକ୍‌ର ବଡିଘର, ଖରିନାସି, ଜମ୍ବୁ, ସୁନିତି, ରାମନଗର, ପେଟଛେଲା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ବିପୁଳ ପରିମାଣରେ କ୍ଷୟକ୍ଷତି ହୋଇଥିଲା। ପରିବେଶପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ସାମୁଦ୍ରିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରଚୁର ପରିମାଣରେ ଲୁଣା ହେନ୍ତାଳ ବଣ ସୃଷ୍ଟି କରିବାକୁ ସରକାରୀ, ବେସରକାରୀ ସ୍ତରରେ ଆଗେଇ ଆସିଲେ ଏହି ଅଞ୍ଚଳରେ ବାତ୍ୟା ବହୁ ପରିମାଣରେ ହ୍ରାସ ପାଇବ।

# ଯାଇଛି ଦିନ, ରହିଛି ଚିହ୍ନ

ଅସ୍ତରଙ୍ଗ,୨୮।୧୦(ପ୍ରଦୀପ୍ତ କୁମାର ଦୀକ୍ଷିତ)

## ଏବେ ବି ମନରୁ ଯାଇନି କ୍ଷତ



ସେ ଦିନ ଥିଲା ୧୯୯୯ ଅକ୍ଟୋବର ୨୯ ତାରିଖ। ପ୍ରକୃତିର ତାଣ୍ଡବ ଆଗରେ ସବୁ କିଛି ହାର୍ ମାନିଲା। ୨୫ ବର୍ଷର ଏହି କ୍ଷତ ଚିହ୍ନ ଆଜି ବି ଭୁଲି ପାରୁନାହାନ୍ତି ପୁରୀ ଜିଲା ଅସ୍ତରଙ୍ଗବାସୀ। ଲୋକଙ୍କ ହୃଦୟରେ ମନେପଡ଼ିଲେ ଆଖିରୁ ବହିଆସୁଛି ଧାର ଧାର ଲୁହ। ଏହାରି ଭିତରେ କ୍ଷତିଗ୍ରସ୍ତ ଅସ୍ତରଙ୍ଗ ଚିତ୍ର ଅନେକ ବଦଳି ଯାଇଛି। ହେଲେ ସେହି ପ୍ରଳୟଙ୍କରୀ ମହାବାତ୍ୟା ବିଭୀଷିକା କଥା ମନେପଡ଼ିଲେ ଆଜି ବି ଆତ୍ମୀୟଙ୍କୁ ହରାଇଥିବା ଲୋକଙ୍କ ମନରେ ଲୁହ ଆସିଯାଏ। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତ ମଧୁପୁର ଗ୍ରାମର କଳ୍ପନା ବେହେରା ମହାବାତ୍ୟାରେ ପୁଅ, ଝିଅ, ସ୍ୱାମୀଙ୍କ ସହ ପରିବାର ସଦସ୍ୟଙ୍କୁ ହରାଇଛନ୍ତି। ଆଉ ନୂଆଗଡ଼ ଗାଁ ମୁଣ୍ଡରେ ଲୋଟି ରହିଥିବା ଅଶ୍ୱତ୍ଥ ଗଛ ବୟାନ କରୁଛି କେତେ ଭୟଙ୍କର ଥିଲା ବାତ୍ୟା।

୧୯୯୯ ମହାବାତ୍ୟାରେ ପୁରୀ ଜିଲା ଅସ୍ତରଙ୍ଗ ଅଞ୍ଚଳର ଅନେକ କ୍ଷତି ହୋଇଥିଲା। ପୁରୀ ଜିଲାରେ ୩୦୧ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅସ୍ତରଙ୍ଗ ଅଞ୍ଚଳର ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆଜି ବି ମନେପଡ଼ିଲେ ଲୁହ ଜକେଇ ଆସୁଛି। କଳ୍ପନା ଜଣେ ନୁହନ୍ତି, ସେହିଭଳି ନୂଆଗଡ଼ ଗ୍ରାମର ସଜନୀ ନାୟକଙ୍କ ସ୍ୱାମୀ ଓ କମଳା ବିଶ୍ୱାଳଙ୍କ ସ୍ୱାମୀ ମାଛ ଧରିବାକୁ ଯାଇ ଉଚ୍ଚ ଜୁଆରରେ ଭାସି ଯାଇଥିଲେ। ୨ଦିନ ପରେ ସଜନୀ ସ୍ୱାମୀଙ୍କ ମୃତଦେହ ମିଳିଥିବା ବେଳେ କମଳା ବିଶ୍ୱାଳଙ୍କ ସ୍ୱାମୀଙ୍କ ମୃତଦେହ ମିଳି ନ ଥିଲା। ଆତ୍ମୀୟଙ୍କୁ ହରାଇଥିବା ଲୋମହର୍ଷଣକାରୀ ଦୃଶ୍ୟକୁ ଆଜି ବି ଭୁଲିନାହାନ୍ତି ଲୋକେ।

ସେ ଦିନ ଉପକୂଳ ଓଡ଼ିଶାକୁ ଗ୍ରାସ କରିଥିଲା ମହାବାତ୍ୟା, ପ୍ରକୃତିର କରାଳ ଛାୟାରେ ଛାରଖାର ହୋଇଯାଇଥିଲା ଅସ୍ତରଙ୍ଗ ଅଞ୍ଚଳର ଅନେକ ପରିବାର। ମହାବାତ୍ୟାର ୨୫ବର୍ଷ ପରେ ଅସ୍ତରଙ୍ଗ ଉପକୂଳର ଚିତ୍ର ଅନେକ ପରିବର୍ତ୍ତନ ହୋଇଛି। ପ୍ରଶାସନ ପକ୍ଷରୁ ଉପକୂଳବାସୀଙ୍କ ସୁରକ୍ଷା ପାଇଁ ୧୯ଟି ବାତ୍ୟା ଆଶ୍ରୟସ୍ଥଳ, ଲୁଣା ବନ୍ଧ ନିର୍ମାଣ ସହ ହେନ୍ତାଳବଣ ସୃଷ୍ଟି କରାଯାଇଛି। ହେଲେ ସମୁଦ୍ର କୂଳିଆ ଲୋକଙ୍କ ପାଇଁ ପକ୍କାଘର ସାତସପନ ପାଲଟିଛି। ସେ ଦିନର ମହାବାତ୍ୟା ଦେଖିଥିବା ଲୋକଙ୍କ ମନରୁ ଆଜିପର୍ଯ୍ୟନ୍ତ ଲିଭିନି ହୃଦୟ ବିଦାରକ ଦୃଶ୍ୟ। ମହାବାତ୍ୟାକୁ ଅନୁଭବ କରିଥିବା ଲୋକେ ଏବେ ବି ଭୁଲି ପାରିନାହାନ୍ତି ପ୍ରକୃତିର ସେହି କରାଳରୂପକୁ।

# ପ୍ରିମିୟର ଲିଗ୍ କ୍ରିକେଟ: ଦୀପୁ କିଙ୍ଗ୍‌ସ ବିଜୟୀ

ଖଣ୍ଡପଡ଼ା,୨୮।୧୦(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସାଇକୁପା କେପିଏଲ୍ କମିଟି ପକ୍ଷରୁ ଗତ ୨୦ ତାରିଖଠାରୁ ସ୍ଥାନୀୟ ପଲଟନ ପଡ଼ିଆରେ ଆରମ୍ଭ ହୋଇଥିବା ୪ର୍ଥ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଥିଲା ୭ମ ଦିବସ। ଖେଳ ଦୀପୁ କିଙ୍ଗ୍‌ସ ଓ ରାଜା ସୁପର ଷ୍ଟ୍ରାଇକର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୀପୁ କିଙ୍ଗ୍‌ସ ୮ ଉଇକେଟରେ ରାଜା ସୁପର ଷ୍ଟ୍ରାଇକରକୁ ହରାଇ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିଣି ରାଜା ସୁପର ଷ୍ଟ୍ରାଇକର ବ୍ୟାଟିଂ ଆରମ୍ଭକରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ଜବାବରେ ଦୀପୁ କିଙ୍ଗ୍‌ସ ୫.୫ ଓଭରରେ ୨ ଉଇକେଟ ବିନିମୟରେ ନିର୍ଦ୍ଧାରିତ ୮୦ ରନ ସଂଗ୍ରହକରି ବିଜୟୀ ହୋଇଥିଲା। ବିଜୟୀ ଦଳର ରାଜୁ ୧୦ବଲରେ ବ୍ୟକ୍ତିଗତ ୩୪ ରନ ସଂଗ୍ରହ କରିବା ସହ ଗୋଟିଏ ଉଇକେଟର ପତନ ଘଟାଇ ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଖେଳକୁ ଅଶୋକ କୁମାର ବାରିକ ଓ ଚନ୍ଦନ ବେହେରା ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ଇସାନ ରୟାଲ୍ସ ଓ ରାଜା ସୁପର ଷ୍ଟ୍ରାଇକର ଏବଂ ୨ୟ ପର୍ଯ୍ୟାୟ ମ୍ୟାଚ ଅଣରର ବାଲୁଙ୍କେଶ୍ୱର ଓ ରାଜା ସୁପର ଷ୍ଟ୍ରାଇକର ମଧ୍ୟରେ ମୁକାବିଲା ହେବ ବୋଲି ଆୟୋଜକ କମିଟିର ସମ୍ପାଦକ ସରୋଜ କୁମାର ମହାରଣାଙ୍କଠାରୁ ପ୍ରକାଶ।

# ପ୍ଲାଷ୍ଟିକ ପ୍ରଦୂଷଣ, ତଟକ୍ଷୟ ସମସ୍ୟା ସୃଷ୍ଟି କରିବ

କେନ୍ଦ୍ରାପଡ଼ା, ୨୮।୧୦ (ଜଗନ୍ନାଥ ଧଳ)

- ବିରଳ ଅଲିଭରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା
- ନଭେମ୍ବରଠାରୁ ସାମୁଦ୍ରିକ କଟକଣା ଆରମ୍ଭ



ଅଲିଭରିଡ୍‌ଲେ କଇଁଛ ଛଆ ସମୁଦ୍ରକୁ ଯାଉଛନ୍ତି। (ଫାଇଲ୍ ଫଟୋ)

ବିଶ୍ୱପ୍ରସିଦ୍ଧ ଗହୀରମଥାର ସାମୁଦ୍ରିକ ଅଞ୍ଚଳରେ ଥିବା ପ୍ରଚୁର ଖାଦ୍ୟ ବିରଳ ଅଲିଭରିଡ୍‌ଲେ କଇଁଛଙ୍କୁ ଆକର୍ଷିତ କରୁଛି। ପ୍ରତିବର୍ଷ ୪ରୁ ୫ଲକ୍ଷ କଇଁଛ ଏଠାକୁ ଆସି ଅଣ୍ଡାଦାନ କରୁଛନ୍ତି। ତେବେ ଆଇୟୁସିଏନ୍‌ର ରେଡ୍ ଡାଟା ଲିଷ୍ଟରେ ଥିବା ଏହି ଜୀବଙ୍କ ସୁରକ୍ଷା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଅହେତୁକ ମାତ୍ରାରେ ଜେଲି ଫିସର ସଂଖ୍ୟା ବୃଦ୍ଧି ଘଟୁଛି। ଶୈବାଳ ଉଦ୍ୟାନ ନଷ୍ଟ ହେଉଥିବା ବେଳେ ମାଛବଂଶ ବିଭିନ୍ନ କାରଣରୁ କମିଯାଉଛି। ତଟକ୍ଷୟ, ବନ ବିଭାଗର ସ୍ପିଡ୍ ବୋଟ ଅଚଳ, ସାମୁଦ୍ରିକ ଥାନାରେ କର୍ମଚାରୀଙ୍କ ଅଭାବ, ସମୁଦ୍ର ତଟରକ୍ଷା ବାହିନୀ ସହିତ ଭାବ ବିନିମୟରେ ଅଭାବରୁ ମତ୍ସ୍ୟଜୀବୀଙ୍କ ବେଆଇନ ପ୍ରବେଶ, ଗାଞ୍ଜି ଜାଲରେ କଇଁଛ ଧରାପଡ଼ିବା ଆଦି ସମସ୍ୟାରେ ବନ ବିଭାଗର ସୁରକ୍ଷା ପ୍ରଦାନ ଦେବା ଏକ ଚ୍ୟାଲେଞ୍ଜ ପାଲଟିଛି। ଚଳିତବର୍ଷ ସାତଭାୟାରେ ସୃଷ୍ଟି ହୋଇଥିବା ନୂଆ ବେଳାଭୂମିକୁ ନେଇ ବୁଦ୍ଧିଜୀବୀ ଓ ପରିବେଶବିତ୍ ଆଶା ପ୍ରକଟ କରିଛନ୍ତି।

ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ପରିବେଶବିତ୍ ହେମନ୍ତ କୁମାର ରାଉତ, ଅଶୋକ କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି, କଇଁଛ ସୁରକ୍ଷା ପାଇଁ ଆସନ୍ତା ନଭେମ୍ବର ୧ରୁ ମେ' ୩୧ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ପାଇଁ ସାମୁଦ୍ରିକ କଟକଣା ଆରମ୍ଭ ହେବ। ପ୍ରତିବର୍ଷ ୪ରୁ ୫ ଲକ୍ଷ ପର୍ଯ୍ୟନ୍ତ ଅଲିଭରିଡ୍‌ଲେ ଏହି ଅଞ୍ଚଳକୁ ପ୍ରଜନନ ସ୍ଥଳ ଭାବେ ବାଛିବା ବିଶ୍ୱ ପ୍ରକୃତିପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରିଛି। ୧୪୩୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ତଟଭୂମି ଏହି କଇଁଛଙ୍କ ଅନ୍ତୁଡ଼ିଶାଳ ବିଭିନ୍ନ କାରଣରୁ ଦୁର୍ବଳ ହେବାରେ ଲାଗିଛି। ଏହି ବିରଳ ଜୀବ ଆଇୟୁସିଏନ୍‌ର ରେଡ୍ ଡାଟାବୁକ୍‌ରେ ରହିଛନ୍ତି। ୧ ହଜାର ଶାବକଙ୍କ ମଧ୍ୟରୁ ମାତ୍ର ଗୋଟିଏ ପୂର୍ଣ୍ଣ ବୟସ୍କ ହେଉଥିବା ଆଇୟୁସିଏନ୍ ଦର୍ଶାଇଥିବା ବେଳେ କଇଁଛ ମୃତ୍ୟୁକୁ ନେଇ ଉଦ୍‌ବେଗର କାରଣ ସାଜିଛି। ରାଜ୍ୟ ସରକାରଙ୍କ ବନ ଓ ପରିବେଶ ବିଭାଗ ୧୯୯୭ ସେପ୍ଟେମ୍ବର ୨୭ରେ ଗହୀରମଥାର ଏହି ସାମୁଦ୍ରିକ ଅଞ୍ଚଳକୁ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ଅଲଗା କରି ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଛନ୍ତି। ଗହୀରମଥା ସାମୁଦ୍ରିକ ଅଞ୍ଚଳ ୧୪୩୫ ବର୍ଗକିଲୋମିଟର ମଧ୍ୟରୁ ମାତ୍ର ୨୭ ବର୍ଗକିଲୋମିଟର ସ୍ଥଳଭାଗ। ଏହି ସ୍ଥଳଭାଗ ସାମୁଦ୍ରିକ ତଟକ୍ଷୟର ଶିକାର ହେଉଛି। ୨୦୨୧ ମସିହାରେ ଅଗରନାସୀ ଦ୍ୱୀପ ସମ୍ପୂର୍ଣ୍ଣ ସମୁଦ୍ରରେ ବିଲୀନ ହେବା ସହିତ ବିଗତ ବର୍ଷଗୁଡ଼ିକରେ ନାସୀ, ବାବୁବାଲି, ଏକକୁଳା ଆଦି ସ୍ଥାନଗୁଡ଼ିକର ଆକାର କମିଛି। ସାତଭାୟାର ବିସ୍ତୀର୍ଣ୍ଣ ବାଲିକୁ ଏହି କଇଁଛ ଅନ୍ତୁଡିଶାଳ କରିବା ସମ୍ଭାବନା ଅଛି। ପ୍ରଜନନ ସ୍ଥାନ ଅଭାବ ପାଇଁ କଇଁଛଙ୍କ ଅକାଳ ମୃତ୍ୟୁ ଏବେ ସମସ୍ୟା ହୋଇଛି। ଏହି ନିଷିଦ୍ଧାଞ୍ଚଳରେ ବହୁ ସମୟରେ ବେଆଇନ ମାଛ ଧରା ସେମାନଙ୍କ ଜୀବନ ପ୍ରତି ବିପଦ ସାଜିଛି। ବନ ବିଭାଗ ନିକଟରେ ବେଆଇନ ଭାବେ ପ୍ରବେଶ କରୁଥିବା ଟ୍ରଲରକୁ ଧରିବା ପାଇଁ ଉପଯୁକ୍ତ ଇଞ୍ଜିନ ବିଶିଷ୍ଟ ବୋଟ୍ ନାହିଁ। ଜିଲାରେ ଥିବା ୩ ସାମୁଦ୍ରିକ ଥାନା କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ତଟ ସୁରକ୍ଷା ବାହିନୀ ସହ ସମ୍ପର୍କ ରଖିବାରେ ବହୁ ସମୟରେ ବନ ବିଭାଗ ବିଫଳ ହେଉଛି। ଏହାବ୍ୟତିତ ପ୍ଲାଷ୍ଟିକ ପ୍ରଦୂଷଣ ବଢ଼ିଚାଲିଛି। ଯାହା ସମୁଦ୍ରର ଶୈବାଳ ଉଦ୍ୟାନକୁ ନଷ୍ଟ କରୁଛି। ଶିଳ୍ପାଞ୍ଚଳ ଓ ଚିଙ୍ଗୁଡ଼ି ଘେରିର ବର୍ଜ୍ୟ ବସ୍ତୁ ଓ ଜଳ ଶୈବାଳ ଉପରେ ପ୍ରଭାବ ପକାଇଛି। ଫଳରେ ଜେଲି ଫିସ ସଂଖ୍ୟା ବଢୁଛି। ଏହାସହ ବିଭିନ୍ନ କାରଣରୁ ପ୍ରତିବର୍ଷ ନିଷିଦ୍ଧାଞ୍ଚଳରେ ପ୍ରତିବର୍ଷ ହଜାରରୁ ଅଧିକ କଇଁଛଙ୍କ ମୃତ୍ୟୁ ହେଉଛି। ସୁରକ୍ଷା ବ୍ୟବସ୍ଥା ଗହୀରମଥାରେ କାର୍ଯ୍ୟକାରୀ ହେଉ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି, ବିରଳ ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଉଛି। କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ଅନୁପ୍ରବେଶ ରୋକିବା ପାଇଁ କ୍ୟାମ୍ପ ସହିତ ନିରୀକ୍ଷଣକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଗତ କଟକଣା ସମୟରେ ବେଆଇନ ଭାବେ ପ୍ରବେଶ ବୋଟ ଓ ଟ୍ରଲରକୁ ଜବତ କରାଯାଇଥିବା ବେଳେ ୨୫୦ରୁ ଅଧିକ ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି ସେ କହିଛନ୍ତି।

# ପାହାଡ଼ି ଇଲାକାରେ ଫେଲ୍ ମାରିଛି ମେଗା ଜଳ ଯୋଗାଣ ପ୍ରକଳ୍ପ

## ବ୍ଲକ ଘେରିଲେ ଶତାଧିକ ଆଦିବାସୀ



ସୁକିନ୍ଦା ବ୍ଲକ ଘେରାଉ କରିଥିବା ଶତାଧିକ ଆଦିବାସୀ ।

**ଯାଜପୁର,୨୮।୧୦(ହର୍ଷବର୍ଦ୍ଧନ ବେହେରା):**

ସମସ୍ତ ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାର ମେଗା ଜଳ ଯୋଗାଣ ପ୍ରକଳ୍ପ ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହି ପ୍ରକଳ୍ପ କାର୍ଯ୍ୟକୁ ଖୋଦ ଗ୍ରାମ୍ୟ ଜଳଯୋଗଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗ ତଦାରଖ କରୁଛି । ହେଲେ ମାସ ମାସ ଧରି ପାହାଡ଼ି ଇଲାକାରେ ରହୁଥିବା ଆଦିବାସୀମାନଙ୍କ ପାଇଁ ଉକ୍ତ ପ୍ରକଳ୍ପ ଅପହଞ୍ଚ ହୋଇଛି । ପାହାଡ଼ ଉପରେ ବସବାସ କରୁଥିବା ଆଦିବାସୀ ପରିବାର ଭଲ ପାଣି ବାଲ୍‌ଟିଏ ପାଇଁ ତହଲବିକଳ ହେଉଛନ୍ତି। ଏହାକୁ ନେଇ ଆଦିବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଛନ୍ତି। ସୋମବାର ଶତାଧିକ ଆଦିବାସୀ ପରିବାର ସିଭିଲ ସୋସାଇଟି ଫୋରମ ଯାଜପୁର ସହଯୋଗରେ ବ୍ଲକ ଘେରାଉ କରିବା ସହିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି ।

ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ବ୍ଲକ୍‌ରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ଏନ୍‌ସିସି ଠିକାସଂସ୍ଥା ନିୟୋଜିତ ହୋଇ କାମ କରୁଛି । ଆରଡବ୍ଲ୍ୟୁଏସ୍ଏସ୍ ସୁକିନ୍ଦା ଏହାର ତଦାରଖ କରିଆସୁଛି। କିନ୍ତୁ ବ୍ୟତିକ୍ରମ ସୁକିନ୍ଦା ବ୍ଲକର ପଳାଶଖୋଳି, ଗିରିଧାରୀଡାହି, କାରେଟଲାସାହି, ତଳ ବାଲିଆ, ଉପରବାଲିଆ, କାଞ୍ଜିଆପାଳ, ହାଡ଼ଘରସାହି, ଅଶୋକଝର ଆଦି ଅଞ୍ଚଳରେ ଏଥିରେ ବ୍ୟତିକ୍ରମ ଘଟିଛି। ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପ୍ ବିଛାଯାଇ ସଂଯୋଗୀକରଣ କରାଯାଇଛି। କିନ୍ତୁ ଉପରୋକ୍ତ ଅଞ୍ଚଳକୁ ମୁନ୍ଦାଏ ପାଣି ଯାଉନାହିଁ । ସେଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଏ ସମ୍ପର୍କରେ ଠିକାସଂସ୍ଥା ଏନ୍‌ସିସି ଅଧିକାରୀଙ୍କ ସହ ସ୍ଥାନୀୟ ଆରଡବ୍ଲ୍ୟୁଏସ୍ଏସ୍ ଜେଇ, ଏସ୍‌ଡିଓ, ବ୍ଲକ ପ୍ରଶାସନଙ୍କୁ ବାରମ୍ବାର ଅବଗତ କରିଥିଲେ। ହେଲେ କେହି କର୍ଣ୍ଣପାତ କରି ନ ଥିଲେ । ଫଳରେ ଲୋକମାନେ ଦୀର୍ଘ ଦିନ ଧରି ଏକ ପରିତ୍ୟକ୍ତ କୂଅରୁ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ୍ୟ ହୋଇଥିଲେ । ଏହାକୁ ନେଇ ଉପରୋକ୍ତ ଅଞ୍ଚଳରେ ଅସନ୍ତୋଷ ବଢ଼ିଥିଲା । ଶେଷରେ ଯାଜପୁର ସିଭିଲ ସୋସାଇଟି ଫୋରମ ପକ୍ଷରୁ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ପଳାସଖୋଳି, ଗିରିଧାରିଡାହି, କାରେଟଲାସାହି, ବାଲିଆ, କାଞ୍ଜିଆପାଳ, ଅଶୋକଝର ଆଦି ଅଞ୍ଚଳର ସନ୍ତୋଷ କୁମାର କିସକୁ, ବିଜୟ ହେମ୍ବ୍ରମ, ଧୀର୍ଜ ମାରାଣ୍ଡି, ମଞ୍ଜୁଲତା ତିରିଆ, ଟିପିର ପିଙ୍ଗୁଆ, ଫୁଲ କିସକୁ, ହିରା ବାସ୍କେ, ମନୋରଞ୍ଜନ ଜେନା, ଏସ୍ଏସ୍‌ଟି ମିଳିତ କ୍ରିୟାନୁଷ୍ଠାନ କମିଟି ଯାଜପୁରର ସମ୍ପାଦକ ଦୁଷ୍ମନ୍ତ ଜେନା, ସାମାଜିକ ସମତା ଅଭିଯାନ ଯାଜପୁରର ରସାନନ୍ଦ ମଲିକ, ହୃଷିକେଶ ଜେନାପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ ସୁକିନ୍ଦା ଷ୍ଟାଡିୟମଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସୁକିନ୍ଦା ବ୍ଲକ ଘେରାଉ କରିଥିଲେ । ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀଙ୍କୁ ଚାକିରୀରୁ ନିଲମ୍ବନ କରି ଅବିଳମ୍ବେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦାବି କରିଥିଲେ। ଫଳରେ ଘଟଣାସ୍ଥଳରେ ଠିକାସଂସ୍ଥା ଏନ୍‌ସିସିର ବି.ସି.ପାଲ, ଗ୍ରାମ୍ୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ଓ ସୁକିନ୍ଦା ବିଡ଼ିଓଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା ପରେ ମଙ୍ଗଳବାର ବିଭାଗୀୟ ଅଧିକାରୀ ସବୁ ନଳକୂପଗୁଡ଼ିକ ତଦାରଖ କରି ଟ୍ୟାଙ୍କର ଯୋଗେ ପାଣି ଯୋଗାଣର ବ୍ୟବସ୍ଥା କରିବେ । ଏକ ମାସ ମଧ୍ୟରେ ବିଦ୍ୟୁତ୍ ସଂଯୋଗକରି ଜଳ ଯୋଗାଣ କରିବାକୁ ସହକାରୀ ନିର୍ବାହୀ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ଦାସ ଲିଖିତ ପ୍ରତିଶ୍ରୁତି ଦେବାପରେ ଅପରାହ୍ନରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

# ଅଭିଯୁକ୍ତଙ୍କୁ ଗିରଫ ଦାବି କଲା ସରପଞ୍ଚ ସଂଘ


ଅଭିଯୁକ୍ତଙ୍କ ଗିରଫ ଦାବିରେ ସରପଞ୍ଚ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ ପାଇଁ ଆସିଥିବା କର୍ମକର୍ତ୍ତା ।

**ବିଞ୍ଝାରପୁର,୨୮।୧୦(ରାମକୃଷ୍ଣ ଦାସ):**

## ମହିଳା ସରପଞ୍ଚଙ୍କୁ ଆକ୍ରମଣ ଘଟଣା

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ଗ୍ରାମ ପଞ୍ଚାୟତର ମହିଳା ସରପଞ୍ଚ ରିୟଙ୍କା ଜେନାଙ୍କୁ ହୋଇଥିବା ଆକ୍ରମଣ ଘଟଣାରେ ସୋମବାର ଅପରାହ୍ନରେ ବିଞ୍ଝାରପୁର ବ୍ଲକ ସରପଞ୍ଚ ସଂଘ ଥାନାଧିକାରୀ ବାମଦେବ ନନ୍ଦଙ୍କୁ ଭେଟି ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ଜଣାଇଛି। ପୋଲିସ ଯଦି ୪୮ ଘଣ୍ଟା ଭିତରେ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ସରପଞ୍ଚ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

ସୂଚନାଯୋଗ୍ୟ, ରଣପୁର ଗ୍ରାପର ସରପଞ୍ଚ ରିୟଙ୍କା ଜେନା ଗତ ଗୁରୁବାର କଣ୍ଡିପୁରସ୍ଥିତ କୂଳସାହି ନୋଡାଲ ୟୁପି ବିଦ୍ୟାଳୟ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀର ଅନ୍ତେବାସୀଙ୍କୁ ମଧ୍ୟାହ୍ନ ସମୟରେ ରନ୍ଧା ଖାଦ୍ୟ ବଣ୍ଟନ କରୁଥିବା ବେଳେ କଣ୍ଟିପୁର ଗ୍ରାମର ନରେନ୍ଦ୍ର ଜେନା, ଶଙ୍କର୍ଷଣ ଜେନା, ମକରା ଜେନା,କିଶୋର ଜେନା, କୈଳାସ ଜେନା ପ୍ରମୁଖ ମିଳିତ ଭାବେ ବିଦ୍ୟାଳୟର ପହଞ୍ଚି ଆକ୍ରୋଶମୂଳକ ଭାବେ ରନ୍ଧା ଖାଦ୍ୟକୁ ଫୋପାଡିବା ସହିତ ସରପଞ୍ଚ ରିୟଙ୍କାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏତିକିରେ କଥା ସରି ନ ଥିଲା। ସେମାନେ ତାଙ୍କୁ ଟଣାଓଟରା କରିବା ସହ ସୁନା ଚେନ ଛିଣ୍ଡାଇ ନେବା ସହିତ ତାଙ୍କ ମୋବାଇଲଟିକୁ ଭାଙ୍ଗିଦେଇଥିଲେ ।.ଏପରି କି ତାଙ୍କ ପରିବାର ଲୋକମାନଙ୍କୁ ମାର୍‌ପିଟ କରିଥିଲେ। ଏହି ଘଟଣାକୁ ନେଇ ସରପଞ୍ଚ ରିୟଙ୍କା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।ଏହି ଅଭିଯୋଗ ପାଇ ବିଞ୍ଝାରପୁର ପୋଲିସ ଏକ ମାମଲା(ନଂ. ୫୮୬/୨୪) ରୁଜୁ କରି ଚୁପ୍ ବସିଛି । ଏଥିପାଇଁ ଅଭିଯୁକ୍ତମାନେ ଖୁଲମଖୁଲା ବୁଲୁଛନ୍ତି। ଏହକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହି ଘଟଣା ସମ୍ପର୍କରେ ବିଞ୍ଝାରପୁର ଥାନାଧିକାରୀ ବାମଦେବ ନନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ଉଭୟଙ୍କ ପକ୍ଷରୁ ମାମଲା ରୁଜୁ ହୋଇଛି । ଘଟଣା ସମ୍ପର୍କରେ ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି ।

# ଓଲଟିଲା ଗୋରୁ ବୋଝେଇ ମିନିଟ୍ରକ୍, ୨ ଗୋରୁ ମୃତ

**ଝୁମ୍ପୁରୀ/ପ୍ରୀତିପୁର,୨୮।୧୦ (ସରୋଜ ନାୟକ/ସୁଶାନ୍ତ ବେହୁରିଆ):**

ଦଶରଥପୁର ବ୍ଲକର ଝୁମ୍ପୁରୀ ବଜାର ତାରିଣୀ ଛକ ନିକଟରେ ୨୦ନଂ. ଜାତୀୟ ରାଜପଥରେ ରବିବାର ରାତିରେ ଏକ ଗୋରୁ ବୋଝେଇ ମିନିଟ୍ରକ ରାସ୍ତା କଡ଼କୁ ଓଲଟି ପଡିଥିଲା । ଏହି ଘଟଣାରେ ୨ଗୋରୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଅନ୍ୟ ଗୋରୁମାନେ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ, ରବିବାର ଭୋର ସମୟରେ ଏକ ମିନିଟ୍ରକରେ ୧୫ ଗୋରୁଙ୍କୁ ଭଦ୍ରକ ଅଞ୍ଚଳକୁ ନିଆଯାଉଥିଲା। ଝୁମ୍ପୁରୀ ବଜାର ତାରିଣୀ ଛକ ନିକଟରେ ଡ୍ରେନ କାମ ଚାଲୁଥିଲା । ଗାଡ଼ିର ଚାଳକ ସେଠାରେ ଗଦା ହୋଇଥିବା ମାଟି ଉପରେ ଗାଡ଼ି ଚଢ଼ାଇ ଦେବାରୁ ତାହା ରାସ୍ତା ଉପରୁ ପ୍ରାୟ ୮ଫୁଟ ତଳକୁ ଖସି ପଡିଥିଲା। ଫଳରେ ଘଟଣାସ୍ଥଳରେ ୨ଗୋରୁଙ୍କ ମୃତ୍ୟୁ ଘଟିଥିଲା । ଅବଶିଷ୍ଟ ଗୋରୁ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏ ସଂକ୍ରାନ୍ତରେ ଦଶରଥପୁର ପୋଲିସକୁ ଖବର ଦେଇଥିଲେ । ପୋଲିସ ଦୁର୍ଘଟଣାଗ୍ରସ୍ତ ମିନିଟ୍ରକୁ ଜବତ କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଦୁର୍ଘଟଣା ପରେ ଗାଡ଼ି ଚାଳକ ଫେରାର ଅଛନ୍ତି ।


ରାସ୍ତା କଡ଼କୁ ଓଲଟି ପଡିଥିବା ଗୋରୁ ବୋଝେଇ ମିନି ଟ୍ରକ୍ ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ମଧୁସ୍ମିତା


@ ପ୍ରହ୍ଲାଦ


@ ସ୍ମୃତିରଞ୍ଜନ


@ ସୁଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବ୍ରହ୍ମବରଦା ପୋଲିସର ଚଢ଼ାଉ

# ଭୁବନେଶ୍ୱର ସାଲିଆ ସାହିରୁ ନାବାଳିକା ଉଦ୍ଧାର

**ବ୍ରହ୍ମବରଦା,୨୮।୧୦ (ଯଯାତି କେଶରୀ ବେହେରା):**

ବ୍ରହ୍ମବରଦା ପୋଲିସ ଏକ ଅପହୃତ ନାବାଳିକାଙ୍କୁ ଭୁବନେଶ୍ୱର ସାଲିଆ ସାହି ଅଞ୍ଚଳରୁ ଉଦ୍ଧାର କରିଛି।

ସୂଚନା ଅନୁଯାୟୀ, ଯାଜପୁର ଜିଲା ବରୀ ଥାନା ଅର୍ନ୍ତଗତ ଖରିପଡ଼ିଆ ଗ୍ରାମର ଜଣେ ନାବାଳିକା ଯାଜପୁର ଟାଉନର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ବିଜ୍ଞାନ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀ । ସେ ତାଙ୍କ ତାଙ୍କ ମାମୁ ଘର ବନ୍ଧଡ଼ିହରେ ରହୁଥିଲେ। ଗତ ରବିବାର ସେ ନିଖୋଜ ହୋଇଯାଇଥିଲେ। ପରିବାର ଏବଂ ମାମୁଘର ଲୋକେ ତାଙ୍କୁ ବହୁ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ପାଇ ନ ଥିଲେ । ନାବାଳିକାଙ୍କ ବାପା ଏ ସଂକ୍ରାନ୍ତରେ ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୧୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ପୋଲିସ ନାବାଳିକାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଭୁବନେଶ୍ୱର ସାଲିଆ ସାହିରୁ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଛି । ଏଥିପାଇଁ ବ୍ରହ୍ମବରଦା ଥାନା ପୋଲିସ ଏକ ଟିମ ଗଠନ କରି ଚନ୍ଦ୍ରଶେଖରପୁର ଥାନା ଏବଂ ମୈତ୍ରୀବିହାର ଥାନା ପୋଲିସ ସହାୟତାରେ ୧୦ଘଣ୍ଟା ଭିତରେ ସେହି ନାବାଳିକାଙ୍କ ପାଖରେ ପହଞ୍ଚି ପାରିଥିଲା। ସୋମବାର ଭୋର ସମୟରେ ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ବ୍ରହ୍ମବରଦା ଥାନାର ଆଇଆଇସି ଅଂଶୁମାଳା ଦାସ ସୂଚନା ଦେଇଛନ୍ତି।

# ରାସ୍ତା ଅବରୋଧ, ଅଶ୍ଳୀଳ ଗାଳି ଗୁଲଜ ଅଭିଯୋଗ, ୨ କୋର୍ଟ ଚାଲାଣ

**ପାଣିକୋଇଲି,୨୮।୧୦ (ବିକାଶ କୁମାର ମଲିକ):**

ପାଣିକୋଇଲି ପୋଲିସ ସୋମବାର ରାସ୍ତା ଅବରୋଧ, ଅଶ୍ଳୀଳ ଗାଳି ଗୁଲଜ ଓ ଧମକ ଦେବା ଅଭିଯୋଗରେ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ଗତ ୨୩ ତାରିଖ ୨୦ନଂ.ଜାତୀୟ ରାଜପଥ ପାର୍ଶ୍ୱ କୃପାଲୁ ରାଇସ ଇଣ୍ଡଷ୍ଟ୍ରୀ ସମ୍ମୁଖରେ ଚାନ୍ଦପୁର ଗ୍ରାମବସୀଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା । ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ମିଲକୁ ଗାଡ଼ି ଛାଡ଼ି ନ ଥିଲେ । ୨ ଜଣ କର୍ମଚାରୀଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହ ମୋବାବାଇ ଛଡାଇ ନେଇଥିଲେ । ଏଥିସହ ଧମକ ଦେବା ସହ ଲକ୍ଷ୍ମୀପୂଜା ପାଇଁ ଲକ୍ଷାଧିକ ଟଙ୍କା ଚାନ୍ଦା ଦାବି କରିଥିବା ଅଭିଯୋଗ ହୋଇଥିଲା । ପାଣିକୋଇଲି ପୋଲିସ ଏନେଇ ଏକ ମାମଲା(ନଂ.୪୧୮/୨୪) ରୁଜୁ କରି ତଦନ୍ତ କରିଥିଲା । ରବିବାର ରାତିରେ ପୋଲିସ ପ୍ରକାଶ ସେନାପତି ଓ ପ୍ରଦୀପ ପଣ୍ଡାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଅପରପକ୍ଷେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଧରି ପାଣିକୋଇଲି ଥାନାକୁ ନ ଆଣି ଯାଜପୁରରୋଡ଼ ଥାନାକୁ ନେଇଥିଲା । ଏହାକୁ ନେଇ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷେ ରାଇସ୍ ମିଲର ଧୂଳିଧୂଆଁରେ ଲୋକମାନେ ଅତିଷ୍ଠ ହୋଇ ରାସ୍ତା ଅବରୋଧ କରିଥିଲେ । କିନ୍ତୁ ଉଦ୍ଦ୍ୟେଶମୂଳକ ଭାବେ ସାଧାରଣ ଲୋକଙ୍କ ସ୍ୱରକୁ ଚାପି ଦେବାକୁ ରାଇସ୍ ମିଲ ପକ୍ଷରୁ ଉଦ୍ୟମ କରାଯାଇଛି । ବିନା ଦୋଷରେ ଲୋକମାନଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି ।

# ଶିକ୍ଷକଙ୍କୁ ୨୦ବର୍ଷ ଜେଲ

## ନାବାଳିକା ଛାତ୍ରୀ ବଳାତ୍କାର ମାମଲା

- ୧ଲକ୍ଷ ୫୦ ହଜାର ଟଙ୍କା ଜରିମାନା

**ଯାଜପୁର ଟାଉନ,୨୮।୧୦ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି) :**

ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ସ୍କୁଲର ଅତିରିକ୍ତ ଶିକ୍ଷକ ବଳାତ୍କାର କରିଥିବା ମାମଲାର ରାୟ ସୋମବାର ପ୍ରକାଶ ପାଇଛି । କୋର୍ଟ ସମ୍ପୃକ୍ତ ଶିକ୍ଷକଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହିତ ୧ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଜଜ୍ ଅଭିଜିତ୍ ପଲାଇ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପାଣିକୋଇଲି ଥାନା ଅନ୍ତର୍ଗତ ଏକ ସ୍କୁଲର ଜଣେ ୬ଷ୍ଠ ଶ୍ରେଣୀର ୧୧ବର୍ଷିୟା ଛାତ୍ରୀ ନିଜ ସହପାଠିନୀଙ୍କ ସହ ସ୍କୁଲର ଅତିରିକ୍ତ ଶିକ୍ଷକ ମୋହନ ଭୂୟାଁଙ୍କ ପାଖରେ ଟ୍ୟୁଶନ ହେଉଥିଲେ । ଶିକ୍ଷକ ଭୂୟାଁ ମନ୍ଦ ଉଦ୍ଦେଶ୍ୟ ରଖି ଉଭୟଙ୍କୁ ଅଲଗା ଅଲଗା ସମୟରେ ଟ୍ୟୁଶନ୍ ଆସିବା ପାଇଁ କହିଥିଲେ। ତାଙ୍କ କଥା ଅନୁସାରେ ୨ ଛାତ୍ରୀ ଅଲଗା ଟ୍ୟୁଶନ ଆସୁଥିଲେ । ଏହି ସୁଯୋଗରେ ସମ୍ପୃକ୍ତ ଶିକ୍ଷକ ଉଭୟଙ୍କୁ ପ୍ରାୟ ୧୫ଦିନ ଧରି ବଳାତ୍କାର କରିଆସୁଥିଲେ। ଏହି ଘଟଣାରେ ଅତିଷ୍ଠ ହୋଇ ୨୦୨୦ ମାର୍ଚ୍ଚ ୬ ତାରିଖ ଦିନ ଉଭୟ ଛାତ୍ରୀ ସେମାନଙ୍କ ଅଭିଭାବକଙ୍କୁ ଏ କଥା ଜଣାଇଥିଲେ । ଅଭିଭାବକମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଏହି ଘଟଣା କହିଥିଲେ। ହେଲେ ପ୍ରଧାନଶିକ୍ଷକ ସେହି ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲେ। ବରଂ ଘଟଣାକୁ ଚାପି ଦେବାପାଇଁ ଉଭୟଙ୍କ ପରିବାର ସଦସ୍ୟଙ୍କୁ ପ୍ରବର୍ତ୍ତାଇଥିଲେ । ଯାହାକୁ ନେଇ ଗ୍ରାମବାସୀ ରାସ୍ତାରୋକୋ କରିବା ସହ ଜଳାପୋଡ଼ା କରିଥିଲେ । ଅଭିଭାବକମାନଙ୍କ ଅଭିଯୋଗକୁ ଏତଲା ଭାବେ ଗ୍ରହଣ କରି ପାଣିକୋଇଲି ଥାନାରେ ୨ଟି ମାମଲା(ନଂ. ୬୧/୨୦୨୦, ୬୨/୨୦୨୦) ରୁଜୁ କରାଯାଇଥିଲା। ପୋଲିସ ଅଭିଯୁକ୍ତ ମୋହନ ଭୂୟାଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ତା।୨୬।୧୨।୨୦୨୩ରିଖରେ କେସ୍ ନଂ.୬୨/୨୦୨୦ରେ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ପାଇଁ କୋର୍ଟ ରାୟ ଶୁଣାଇଥିଲେ । ସୋମବାର କେସ ନଂ.୬୧/୨୦୨୦ରେ ଚୂଡ଼ାନ୍ତ ଶୁଣାଣିକରି ଭାରତୀୟ ପିଙ୍ଗଳକୋର୍ଡ ନଂ.୩୭୬ (ଏ.ବି)/୩୭୬ (ଏମ୍) ଏବଂ ୬ ପୋକ୍‌ସୋ ଧାରା ଅନୁଯାୟୀ ୧୬ଜଣ ସାକ୍ଷୀଙ୍କ ସାକ୍ଷକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରାଜଜ୍ ତଥା ପୋକ୍‌ସୋ ଜଜ୍ ପଲାଇ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏହି ଅର୍ଥ ଅନାଦେୟରେ ଅଧିକ ୧୮ମାସ ଜେଲ୍‌ଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୀଡିତାଙ୍କୁ ୭ଲକ୍ଷ ଟଙ୍କା ସହ ଜରିମାନା ୧ଲକ୍ଷ ୫୦ହଜାର ଟଙ୍କା ସମୁଦାୟ ୮ଲକ୍ଷ ୫୦ହଜାର ଟଙ୍କା କ୍ଷତିପୂରଣ ଦେବାପାଇଁ ଜିଲା ଆଇନ୍ ପ୍ରାଧିକରଣକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ୍ ପ୍ରସ୍ୟୁକ୍ୟୁଟର ରାଜୀବ ମହାନ୍ତି ମକଦ୍ଦମା ପରିଚାଳନା କରିଥିଲେ।


ଅଭିଯୁକ୍ତ ଶିକ୍ଷକଙ୍କୁ ଜେଲ୍‌କୁ ନିଆଯାଉଛି ।

## ପ୍ରଥମ ପୃଷ୍ଠାରୁ...

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା । ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା । ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା । ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା । ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

# ୧୮୧ ଅଭିଯୋଗରୁ ୧୭ ତତ୍କାଳ ସମାଧାନ

**ନୂଆଗାଁ, ୨୮।୧୦ (ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ରାଜୀବ ଗାନ୍ଧୀ ସଭାଗୃହ ମଧ୍ୟରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଜିଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା. ଏଡିଏମ୍ ଦିଲୀପ କୁମାର ବଳ, ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ, ନୂଆଗାଁ ବିଡିଓ ବାସୁଦେବ ନାୟକ, ତହସିଲଦାର ହେମନ୍ତ କୁମାର ନାୟକ, ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଜିଲା, ବ୍ଲକ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଜୀକୃତ ହୋଇଥିବା ୧୮୧ଟି ଅଭିଯୋଗ ମଧ୍ୟରୁ ୧୬୧ଟି ବ୍ୟକ୍ତିଗତ, ୧୬ଟି ସାମୂହିକ ଓ ୪ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ଅଭିଯୋଗ ଥିଲା। ତେବେ ପଞ୍ଜୀକୃତ ହୋଇଥିବା ଅଭିଯୋଗ ମଧ୍ୟରୁ ୧୭ ଟି ଅଭିଯୋଗ ତତ୍କାଳ ସମାଧାନ କରାଯାଇଥିଲା। ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ପ୍ରଥମେ ଦୁର୍ନୀତିମୁକ୍ତ ହୋଇ ଜନସାଧାରଣଙ୍କ ସେବା କରିବାକୁ ଅଧିକାରୀ ଓ କର୍ମଚାରୀମାନେ ଶପଥ ପାଠ କରିଥିଲେ। ଶିବିରରେ ବ୍ୟକ୍ତିଗତ ଭାବେ ରାଶନ କାର୍ଡ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ଅଧିକ ଅଭିଯୋଗ ହୋଇଥିଲା। କାପ୍ତାପଲି ପଞ୍ଚାୟତ ଭଣ୍ଡାରିବାରି ଓ ଡେଙ୍ଗାବାରି ଗ୍ରାମକୁ ପକ୍କା ରାସ୍ତା



ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ନିର୍ମାଣ କରିବାକୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ସେଥିରେ ସୁଫଳ ମିଳୁ ନ ଥିବାରୁ ଅଭିଯୋଗକାରୀମାନେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଗୁମୀ ପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ ପାଇଁ ୨ଗୋଷ୍ଠୀ ଅଲଗା ସ୍ଥାନରେ ଚାହୁଁଥିବାବେଳେ ଉଭୟ ପକ୍ଷରୁ ଅଭିଯୋଗ ହୋଇଛି। ଖଣ୍ଡୁଗାଁ ଜିଆର୍‌ଏସ୍ ସୌମ୍ୟରଞ୍ଜନ ବେହେରାଙ୍କ ନାମରେ ପଞ୍ଚାୟତବାସୀ ଅଭିଯୋଗ ଆଣିଥିଲେ। ଜିଆର୍‌ଏସ୍ ବେହେରା ଆବାସ ହିତାଧିକାରୀମଙ୍କର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଟଙ୍କାକୁ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଥିଲା। ଡେଙ୍କେଣା ପଞ୍ଚାୟତ କଲ୍ୟାଣ ମଣ୍ଡପକୁ ଠିକାଦାର ନିଜକୁ ସୁହାଇଲା ଭଳି ସ୍ଥାନରେ ନିର୍ମାଣ କରୁଛନ୍ତି। ତେଣୁ ଠିକ୍ ସ୍ଥାନରେ ନିର୍ମାଣ କରିବାକୁ ଗ୍ରାମବାସୀ ଦାବିକରି ଆସୁଛନ୍ତି। କିନ୍ତୁ ଏଥିରେ ସୁଫଳ ନ ମିଳିବାରୁ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଛଣବଣିଆ ଗ୍ରାମବାସୀ ପୂର୍ବ ପୁରୁଷରୁ ପାଲଭା ଜଙ୍ଗଲକୁ ସୁରକ୍ଷା ଦେଇ ଜଙ୍ଗଲ ଜାତ ଦ୍ରବ୍ୟ ଭୋଗ ଦଖଲ କରୁଥିଲେ। ପୂର୍ବରୁ ସେମାନେ ୧୨୪ ଏକର ପରିଧିକୁ ଭୋଗ ଦଖଲକରି ଆସୁଥିଲେ ମଧ୍ୟ ଗୋଷ୍ଠୀ ଗତ ଅଧିକାର ଓ ଗୋଷ୍ଠୀ ସମ୍ବଳ ଅଧିକାରଙ୍କ ଜଏଣ୍ଟ ଭେରିଫିକେଶନ ସମୟରେ ତାହାକୁ ସଙ୍କୁଚିତକରି ୫୨ ଏକର କରି ଦିଆଯାଇଛି। ତେଣୁ ସେମାନଙ୍କୁ ପୂର୍ବଗତ ୧୨୪ ଏକର ଦଖଲ କରିବାକୁ ଅନୁମତି ଦେବାକୁ ଅଭିଯୋଗ ହୋଇଛି। ଗୁମୀ ପଞ୍ଚାୟତ କୁସୁମଗାଡ଼ିଆ ଗ୍ରାମକୁ ପକ୍କା ରାସ୍ତା କରିବାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବାକୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ବ୍ଲକ୍‌ରେ କାର୍ଯ୍ୟରତ ଅନେକ କର୍ମଚାରୀଙ୍କ ମାସିକ ବେତନ ଠିକ୍ ସମୟରେ ମିଳୁ ନ ଥିବା ନେଇ କର୍ମଚାରୀ ଅଭିଯୋଗ କରିଥିଲେ। ଏପରିକି ନୂତନ ଭାବେ ନିଯୁକ୍ତି ପାଇଥିବା ପିଇଓମାନଙ୍କୁ ୭ ମାସ ହେଲା ଦରମା ମିଳିନାହିଁ। ବିଶ୍ୱନାଥ ଜାନୀ ୨୦୧୨ ମସିହାରୁ ଭିଏଲ୍‌ଡବ୍ଲ୍ୟୁ ପଦରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କୁ ପେନ୍‌ସନ ମିଳିନାହିଁ। ଏସବୁ ଅଭିଯୋଗ ଶୁଣିବା ପରେ ଏଡିଏମ୍ ଦିଲୀପ କୁମାର ବଳ, ବରିଷ୍ଠ ରାଜସ୍ୱ ସହାୟକ ସୁମିତ୍ରା ମଳିକଙ୍କୁ ତାଗିଦ କରିଥିଲେ। ଜଣେ ଠିକାଦାର ଚାହାଳୀ ନିକଟସ୍ଥ ଜଙ୍ଗଲରୁ ବାରମ୍ବାର ଗଛ କାଟୁଥିବାବେଳେ ବନପାଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସୁରକ୍ଷା ଦେଉଥିବା ନେଇ ଚାହାଳୀଗ୍ରାମବାସୀଅଭିଯୋଗକରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ମଧୁସ୍ମିତା



@ ପ୍ରହ୍ଲାଦ



@ ସ୍ମୃତିରଞ୍ଜନ



@ ସୁଜିତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପ୍ରଧାନ ଶିକ୍ଷକଙ୍କ ବ୍ରେନ୍ ଷ୍ଟ୍ରୋକ୍‌ରେ ମୃତ୍ୟୁ

**ନୟାଗଡ଼/ଭାପୁର, ୨୮।୧୦**
**(ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ନୟାଗଡ଼ ଜିଲା ଭାପୁର ବ୍ଲକ ବାଇଗୁଣିଆ ମଧ୍ୟ ଇଂରାଜି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ନାୟକ (୫୦)ଙ୍କର ବ୍ରେନ୍



ଷ୍ଟ୍ରୋକରେ ମୃତ୍ୟୁ ହୋଇଛି। ଭାପୁର ବ୍ଲକ ବଡ଼ସହରା ଗ୍ରାମର ବାସିନ୍ଦା ନାୟକଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ସମୟରେ ବ୍ରେନ ଷ୍ଟ୍ରୋକରେ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ସୂଚନା ମିଳିଛି। ନାୟକଙ୍କ ମୃତ୍ୟୁରେ ଭାପୁର ଅଞ୍ଚଳର ସହକର୍ମୀ, ଶିକ୍ଷକଙ୍କ ମହଲରେ ଶୋକ ପ୍ରକାଶ ପାଇଥିବାବେଳେ ଜଣେ ମେଳାପୀ ଓ ପରୋପକାରୀ ଶିକ୍ଷକଙ୍କୁ ହରାଇଥିବା ନେଇ ମତପ୍ରକାଶ ପାଇଛି। ବଡ଼ସହରା ଗ୍ରାମରେ ଶୋକାକୁଳ ପରିବେଶରେ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଥିବା ବେଳେ ଏକମାତ୍ର ପୁଅ ପବିତ୍ର ମୁଖାଗ୍ନି ଦେଇଛନ୍ତି।

## କାର୍ତ୍ତିକ ଦ୍ୱିତୀୟ ସୋମବାର ଲଡୁବାବାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଲଡୁବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

**ଶରଣକୁଳ, ୨୮।୧୦(ଦୀପକ କର)**

କାର୍ତ୍ତିକ ମାସ ଦ୍ୱିତୀୟ ସୋମବାରରେ ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସକାଳୁ ଝିପିଝିପି ବର୍ଷା ପରେ ଭକ୍ତ ସଂଖ୍ୟା ସାମାନ୍ୟ କମ୍ ଥିଲା। ପରେ କିଛି ସମୟ ମେଘୁଆ ରହି ଖରାଟିଆ ପାଗ ହେବାରୁ ବାବାଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସୋମବାର ସକାଳୁ ବାବାଙ୍କ ଅବକାଶ ନୀତି ପରେ ଅନ୍ୟ ସମସ୍ତ ନୀତି ସମାପନ ହୋଇ ଶଙ୍ଖୁଡ଼ି ଧୂପ ହୋଇଥିଲା। ଏହାପରେ ଲଡୁବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ସଜ୍ଜିତ ବିମାନରେ ଘଣ୍ଟ, ଘଣ୍ଟା, କାହାଳୀ, ଛତିତ୍ରାସ ସହ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଣରେ ତିନିଥର ମନ୍ଦିର ବେଢ଼ା ପରିକ୍ରମା କରିଥିଲେ। କାର୍ତ୍ତିକ ସୋମବାର ଉପବାସରେ ଥିବା ଶ୍ରଦ୍ଧାଳୁମାନେ ବେଢ଼ାରେ ବାବାଙ୍କ ଦର୍ଶନ ଲାଭ କରିବା ପରେ ଶ୍ରଦ୍ଧାର ସହ ପଣାପାଣିର ସେବନ କରିଥିଲେ। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ନୀତି ଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା। ପୋଲିସ ଶ୍ରଦ୍ଧାଳୁଙ୍କ ଦର୍ଶନ ଶୃଙ୍ଖଳାର ସହ କରାଇଥିଲେ। ବହୁ ସଂଖ୍ୟାରେ ମହିଳାପୁରୁଷ ଭକ୍ତ ମନସ୍କାମନା ପୂରଣ ଓ କୃପାଲାଭ ପାଇଁ ପ୍ରଭୁଙ୍କ ଦର୍ଶନ କରିଥିଲେ। ସମସ୍ତ କାର୍ଯ୍ୟ ମନ୍ଦିର ପରିଛାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା।

## ବଦଳିଲେ ଦଶପଲ୍ଲା, ବାଣିଗୋଛା ଥାନା ଅଧିକାରୀ

**ଦଶପଲ୍ଲା, ୨୮।୧୦ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଥାନା ଅଧିକାରୀ ମୁକେଶ କୁମାର ବେହେରାଙ୍କର ରଣପୁର ଥାନାକୁ ବଦଳି ହୋଇଛି। ବାଣୀଗୋଛା ଥାନା ଅଧିକାରୀ ଅନିତା ସାହୁଙ୍କର ଦଶପଲ୍ଲା ଥାନାକୁ ବଦଳି ହୋଇଛି। ଠିକ୍ ସେହିଭଳି ଦଶପଲ୍ଲା ଥାନା ସବ୍ ଇନ୍ସପେକ୍ଟର ସ୍ନେହଲତା ପ୍ରଧାନଙ୍କର ରଣପୁର ବଦଳି ହୋଇଥିବା ବେଳେ ଓଡଗାଁ ଥାନା ସବ୍ ଇନ୍ସପେକ୍ଟର ରମେଶ ଚନ୍ଦ୍ର ଜେନାଙ୍କର ଦଶପଲ୍ଲାକୁ ବଦଳି ହୋଇଛି। ଚାନ୍ଦପୁର ଥାନା ସବ୍ ଇନ୍ସପେକ୍ଟର ବିନୟ ରଞ୍ଜନ ପରିଡ଼ାଙ୍କର ବାଣୀଗୋଛା ଥାନାକୁ ବଦଳି ହୋଇଛି।

## ରାଜପଥ ଉପରେ ବିପଦସଙ୍କୁଳ ଛାୟା ପ୍ରଦାନକାରୀ ଗଛ

**ଖଣ୍ଡପଡ଼ା, ୨୮।୧୦**
**(ଅଜୟ କୁମାର ମହାରଣା)**

ବାଘମାରୀ-କଣ୍ଟିଲୋ ୪୮ ନଂ. ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ଏକ ବିଶାଳ ଛାୟା ପ୍ରଦାନକାରୀ ଗଛ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ସାଧାରଣରେ ଭୟ ସୃଷ୍ଟି କରୁଛି। ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ସୀମାନ୍ତ କଣ୍ଟିଲୋ-ଫତେଗଡ଼ ୪୮ନଂ. ରାଜ୍ୟ ରାଜପଥ କମେଇ ସେତୁ ନିକଟ ରାସ୍ତାପାର୍ଶ୍ୱରେ ରହିଥିବା ଏକ ବିଶାଳ ଗଛର ଏକାଧିକ ଡାଳ ରାସ୍ତା ଉପରକୁ ଢଳି ରହିଛି। ବିଭିନ୍ନ ସମୟରେ ପଥଚାରୀ ଏହି ଗଛ ତଳେ କିଛି ସମୟ ପାଇଁ ବିଶ୍ରାମ ନେଇ ନିଜ ନିଜ ରାସ୍ତାରେ ଚାଲି ଯାଇଥାନ୍ତି। ଅପରପକ୍ଷରେ ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ଭାରିଯାନ ବାହନ, ଯାତ୍ରୀବାହୀ ବସ୍ ସହ ହଜାର ହଜାର ପଥଚାରୀ ଯାତାୟାତ କରୁଛନ୍ତି। ବର୍ଷା କିମ୍ବା ପବନରେ ଏହି ଗଛର ଡାଳ କେଉଁ ମୁହୂର୍ତ୍ତରେ ଭାଙ୍ଗି ବିପଦ ସୃଷ୍ଟି କରିବ କହି ହେବ ନାହିଁ। ତେଣୁ ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ନତୁବା ବନ ବିଭାଗ ଏହି ସବୁ ବିପଦସଙ୍କୁଳ ଡାଳଗୁଡ଼ିକୁ କାଟିଦେବାକୁ ସାଧାରଣରେ ଦାବି ହେଉଛି।



## ସ୍ତ୍ରୀଙ୍କୁ ଆକ୍ରମଣ, ସ୍ୱାମୀ ଫେରାର

**ଦିଗପହଣ୍ଡି, ୨୮।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ଏନ୍‌ଏସି ୱାର୍ଡ ନଂ.୨ ଅଧିନ ମେଦିରି ସାହିରେ ରହୁଥିବା ଶଙ୍କର ନାୟକ ତାଙ୍କ ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ତ୍ରୀ ରଚନା ନାୟକ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୪୨୧/୨୪ ଅନୁଯାୟୀ ଅଭିଯୁକ୍ତ ଶଙ୍କରଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ପାଇଁ ତାଙ୍କ ଘରେ ଚଢ଼ାଉ କରିଥିଲେ ମଧ୍ୟ ସେ ଫେରାର ଥିବା ଜଣାପଡିଛି।ଗତ ପ୍ରାୟ ୫ ମାସ ପୂର୍ବେ ରଚନା ଶଙ୍କରଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ଖୁସିରେ କଟିବା ପରେ ଶଙ୍କର ଅଧିକା ଯୌତୁକ ପାଇଁ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ନାନା ନିର୍ଯାତନା ଦେଇ ଆସୁଥିଲେ।ଏପରିକି ନିଶାସକ୍ତ ଅବସ୍ଥାରେ ଆସି ରଚନାଙ୍କୁ ମାରପିଟ କରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ।

## ଓଏଏସ୍ ପାଇଥିବା ଚିନ୍ମୟୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା



**ନୟାଗଡ଼, ୨୮।୧୦(ଲୋକନାଥ ମିଶ୍ର)**

ଓଏଏସ ପାଇଥିବା ଚିନ୍ମୟୀ ପାଣିଗ୍ରାହୀଙ୍କୁ ନୟାଗଡ଼ ଏନ୍‌ଏସି ବିଦ୍ୟାଳୟ ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନୟାଗଡ଼ ଏନ୍‌ଏସି ହାଇସ୍କୁଲର ଛାତ୍ରୀ ଚିନ୍ମୟୀ ୭୯ତମ ସ୍ଥାନରେ ରହି ସଫଳତାର ସହ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୦୦୯ ମାଟ୍ରିକ ପରୀକ୍ଷାରେ ସମଗ୍ର ଓଡ଼ିଶାରେ ୧୦ମ ସ୍ଥାନ ହାସଲ କରି ଚିନ୍ମୟୀ ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ। ପିତା ଚିତ୍ତରଞ୍ଜନ ପାଣିଗ୍ରାହୀ ଏବଂ ମାତା ଝୁନୁ ଦେବୀ ଉଭୟେ ଶିକ୍ଷକତା କରି ଅବସରଗ୍ରହଣ କରିଥିବାବେଳେ ଚିନ୍ମୟୀ ଏବେ କେନ୍ଦ୍ରୀୟ ବିଦ୍ୟାଳୟ-୨ ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି। ଚିନ୍ମୟୀଙ୍କ ଏହି ସଫଳତାରେ ଏନ୍‌ଏସି ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷୟିତ୍ରୀ ରସିଦା ଖାତୁନ, ବରିଷ୍ଠ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ତ୍ରିପାଠୀ, ଉଷାରାଣୀ ପ୍ରଧାନ, ଅନସୂୟା ମିଶ୍ର, ଭବାନୀ ଆଚାର୍ଯ୍ୟ, ସ୍ମିତା ମଲ୍ଲିକ, ମାନସ କୁମାର ସାହୁ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଚିକିତ୍ସା ଅବହେଳାର...

ମର୍କତନଗର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିବା ସେ କହିଛନ୍ତି। ଏନେଇ ମେଡିକାଲର ଡାକ୍ତର ମାନସ ଉପାଧ୍ୟାୟ କୌଣସି ପ୍ରତିକ୍ରିୟା ଦେବାକୁ ସ୍ପଷ୍ଟ ମନା କରିଛନ୍ତି। ଅନ୍ୟପଟେ ମର୍କତ ନଗର ଥାନା ଏସ୍‌ଆଇ ଶୁଭ୍ରଜିତ ପୁହାଣଙ୍କୁ ପଚାରିବାରୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ ଏବଂ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ୮ କୋଟି ପାଇଁ...

ହୋଇଥିଲା। ହାଜତକୁ ନେଇ ପଚରାଉଚରା କରିବା ପରେ ନୀହାରିକା ତାଙ୍କ ପ୍ରେମିକ ତଥା ପ୍ରାଣୀ ଚିକିତ୍ସକ ନିଖିଲ ଏବଂ ଅଙ୍କୁରଙ୍କ ସହ ମିଶି ରମେଶଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ।

ସୂଚନା ଅନୁଯାୟୀ, ନୀହାରିକାଙ୍କୁ ୧୬ ବର୍ଷ ହୋଇଥିବାବେଳେ ତାଙ୍କ ବାପାଙ୍କ ପରଲୋକ ହୋଇଥିଲା। ଶିକ୍ଷା ଶେଷ ପରେ କମ୍ ବର୍ଷ ବୟସରେ ନୀହାରିକାଙ୍କୁ ବିବାହ କରିଦିଆଯାଇଥିବାବେଳେ ସେ ମାଆ ହେବା ପରେ ଛାଡ଼ପତ୍ର ହୋଇଯାଇଥିଲା। ସେ ହରିୟାଣାରେ ଥିବାବେଳେ ଆର୍ଥିକ ଜାଲିଆତିରେ ସମ୍ପୃକ୍ତ ରହି ଜେଲ ଯାଇଥିଲେ। ଜେଲରେ ତାଙ୍କର ଅଙ୍କୁରଙ୍କ ସହ ଭେଟ ହୋଇଥିଲା। ଜେଲରୁ ବାହାରିବା ପରେ ନୀହାରିକା ରମେଶଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସେ ମାଗିଥିବା ୮ କୋଟି ଟଙ୍କା ଦେବାକୁ ରମେଶ ମନା କରିଦେବାରୁ କ୍ଷୁବ୍ଧ ହୋଇଥିଲେ। ଇତିମଧ୍ୟରେ ତାଙ୍କର ନିଖିଲଙ୍କ ସହ ସମ୍ପର୍କ ଗଢ଼ିଉଠିଥିଲା। ସେମାନେ ମିଶି ରମେଶଙ୍କ ସମ୍ପତ୍ତି ହାତେଇବା ପାଇଁ ତାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଅକ୍ଟୋବର ୧ରେ ହାଇଦ୍ରାବାଦର ଉପ୍ପଲଠାରେ ରମେଶଙ୍କୁ ହତ୍ୟା କରାଯାଇଥିଲା। ଏହା ପରେ ଅଭିଯୁକ୍ତମାନେ ତାଙ୍କ ଘରୁ ଟଙ୍କା ନେଇଯାଇ ମୃତଦେହ ସହ ବେଙ୍ଗାଲୁରୁ ଯାଇଥିଲେ। ସେଠାରୁ କୋଡାଗୁ ଯାଇ ମୃତଦେହକୁ କଫି ଇଷ୍ଟେଟ୍‌ରେ ଫିଙ୍ଗିବା ସହ କମ୍ବଳ ଘୋଡ଼ାଇ ନିଆଁ ଲଗାଇ ଦେଇଥିଲେ। ହାଇଦ୍ରାବାଦ ଫେରିବା ପରେ ରମେଶ ନିଖୋଜ ଥିବା ନେଇ ନୀହାରିକା ଥାନାରେ ଏତଲା ଦେଇଥିଲେ।

## ଓଏଫ୍‌ଡିସି ଡିଏମ୍, ଏସ୍‌ଡିଏମ୍‌ଙ୍କ ବଦଳି ଦାବିରେ ଧାରଣା

**ଭଞ୍ଜନଗର, ୨୮।୧୦(ବାବୁଲା ପ୍ରଧାନ)**

ନିଖିଳ ଉତ୍କଳ ବନ ନିଗମ କର୍ମଚାରୀ ସଂଘ ଭଞ୍ଜନଗର ଶାଖା କର୍ମକର୍ତ୍ତାମାନେ ବିଭିନ୍ନ ଦାବି ନେଇ ସୋମବାର ସ୍ଥାନୀୟ ଓଏଫଡିସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେମାନଙ୍କ ଦାବି ଯେ, ଏଠାରେ ନିଯୁକ୍ତ ଥିବା ଖଣ୍ଡୀୟ ପରିଚାଳକ (ଡିଏମ୍) ଏବଂ ଉପଖଣ୍ଡୀୟ ପରିଚାଳକ(ଏସ୍‌ଡିଏମ୍)ଙ୍କୁ ତୁରନ୍ତ ବଦଳି କରାଯାଉ। କର୍ମଚାରୀମାନଙ୍କ ବିରୋଧରେ ଆକ୍ରୋଶମୂଳକ କାର୍ଯ୍ୟନୁଷ୍ଠାନ ଗ୍ରହଣ ନ କରି ସମସ୍ୟା ସମାଧାନ ହେଉ। ଏସବୁ ଦାବି ପୂରଣ ନ ହେବା ଯାଏ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲୁ ରଖିବେ ବୋଲି ସଂଘର ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସଂଘ ସଭାପତି ଅକ୍ଷୟ କୁମାର ବିଶ୍ୱାଳ, ସାଧାରଣ ସମ୍ପାଦକ ଉମା ଶଙ୍କର ପାଣିଗ୍ରାହୀ, ଉପଦେଷ୍ଟା ସୁରେନ୍ଦ୍ର କୁମାର ରାଉତ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ, ଆଜକୁ ୫ ମାସ ହେବ କର୍ମଚାରୀ ଏବଂ କେତେଜଣ ଅଧିକାରୀଙ୍କ ମଧ୍ୟରେ ବିଭିନ୍ନ କାରଣରୁ ବିବାଦ ଲାଗି ରହିଛି। ଏ ନେଇ ଡିଏମ୍ ପ୍ରଭାକର ନାୟକଙ୍କ ସହ ଯୋଗାଯୋଗ ଉଦ୍ୟମ କରାଯାଇଥିଲେ ମଧ୍ୟ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ।



ଧାରଣା ଦେଇଥିବା କର୍ମଚାରୀମାନେ।

